

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୪ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 OCTOBER 2020

Vol.No. 30 ■ No. 261 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


# 'ସୁଜଳ' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୩।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଭୁବନେଶ୍ୱର ଓ ପୁରୀରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ - ସୁଜଳ ଲୋକାର୍ପିତ କରିଛନ୍ତି । ଏହି ମିଶନ କାର୍ଯ୍ୟକାରୀ କରିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ । ଏହାଦ୍ୱାରା ଲୋକମାନେ ଉନ୍ନତ ଦେଶର ଲୋକମାନଙ୍କ ପରି ସିଧାସଳଖ ଟ୍ୟାପ୍ ରୁ ପାଣି ଆଣି ପିଇ ପାରିବେ । ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମର ଆଧାରରେ ବ୍ୟବସ୍ଥାର ରୂପାନ୍ତର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ଭୁବନେଶ୍ୱର ଓ ପୁରୀରେ ଶୁଭାରମ୍ଭ ହୋଇଥିବା ଏହି ଯୋଜନା ଦ୍ୱାରା ଏହି ଦୁଇ ସହରର ଏକ ଲକ୍ଷ ଅଶୀ ହଜାରରୁ ଅଧିକ ଲୋକ ଉପକାର ପାଇବେ । ପର୍ଯ୍ୟାୟକ୍ରମେ ରାଜ୍ୟର ସବୁ ଅଂଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ବିକଶିତ ଦେଶ ମାନଙ୍କରେ ଲୋକମାନେ ସିଧା ଟ୍ୟାପ୍ ରୁ ପାଣି ପିଅନ୍ତି । ପାଣି ଗରମ କରିବା, ଫିଲଟର କରିବା ବା ଆକ୍ୱଗାର୍ଡ ଆଦି ମେସିନ୍ ଦରକାର ହୁଏ ନାହିଁ । ଭୁବନେଶ୍ୱରର ସାଲିଆ ସାହି ଓ ପୁରୀର ମଶାଣୀଚଣ୍ଡୀରେ ଏହି କାର୍ଯ୍ୟକ୍ରମ ଲୋକାର୍ପିତ ହୋଇଥିଲା । ସାଲିଆ ସାହିରେ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା ଓ ବିଧାୟକ ଶ୍ରୀ ସୁଷାନ୍ତ ରାଉତ ଏବଂ ପୁରୀରେ ମନ୍ତ୍ରୀ ଶ୍ରୀ ତୃଷାରକାନ୍ତି ବେହେରା ଓ ବିଧାୟକ ଶ୍ରୀ ଜୟନ୍ତ ଷଡଙ୍ଗୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଲୋକାର୍ପଣ କରିଥିଲେ । ଜଳସାଥି ମାନଙ୍କୁ ଜଳର ମାନ ପରୀକ୍ଷା ଯନ୍ତ୍ର ପ୍ରଦାନ କରାଯାଇଥିଲା ଏବଂ ପାଣି ପାଇପ୍ ମିସ୍ତ୍ରୀ ମାନଙ୍କୁ ପ୍ରଶିକ୍ଷଣ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୁରୀ ହେଉଛି ଏକ ବଡ ପର୍ଯ୍ୟଟନ କେନ୍ଦ୍ର । ପ୍ରତିଦିନ ବହୁତ ପର୍ଯ୍ୟଟକ ଏଠାକୁ ଆସନ୍ତି । ସେମାନେ ପାଣି ପାଇଁ ପ୍ଲାଷ୍ଟିକ ବୋତଲ ବ୍ୟବହାର କରନ୍ତି । ତେଣୁ "ଡ୍ରିଙ୍କ ଫ୍ରମ୍ ଟ୍ୟାପ୍" ସୁବିଧା ଦ୍ୱାରା ପୁରୀରୁ ପ୍ଲାଷ୍ଟିକ ପ୍ରଦ୍ୟୁଷଣ କମିଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଭୁବନେଶ୍ୱର ସହିତ ଗୋପାଳପୁର, ଦିଗପହଣ୍ଡି ଓ କାଶୀନଗରରେ ସବୁ ଘରକୁ ଆମେ ପାଇପ୍ ପାଣି ସୁବିଧା ଦେଇପାରିଛୁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତଙ୍କୁ ଭଲ ପିଇବା ପାଣି ଯୋଗାଇ ଦେବା ଆମର ପ୍ରାଥମିକତା । ଦଶ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହର ମାନଙ୍କ ମଧ ରେ ଶତ ପ୍ରତିଶତ ପାଇପ ପାଣି ସବୁ ଘରକୁ ସଂଯୋଗ କ୍ଷେତ୍ରରେ ଭୁବନେଶ୍ୱର ଦେଶର ପ୍ରଥମ ସହର ▶▶ପୃଷ୍ଠା ୭

## ଗଞ୍ଜେଇ ଓ ବ୍ରାଉନସୁଗାର ବିରୋଧରେ ଅଭିଯାନ ଜାରି ରହିବ: ପୋଲିସ ମହାନିର୍ଦ୍ଦେଶକ




ଭୁବନେଶ୍ୱର,୧୩।୧୦ (ନି.ପ୍ର): ରାଜ୍ୟରେ ଗଞ୍ଜେଇ ଓ ବ୍ରାଉନସୁଗାର ବିରୋଧରେ ଅଭିଯାନ ଜାରି ରହିବ । ଚାଲାଣ ରୋକିବାକୁ ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଭୟ । ସେ କହିଛନ୍ତି ଯେ ଜାନୁୟାରୀରୁ ସେପଟେମ୍ବର ମଧରେ ୧୦୫୪ କୁଇଂଟାଲ ଗଞ୍ଜେଇ ଜବତ ହୋଇଛି । କୋରାପୁଟରୁ ୪୧୩, ମାଲକାନଗିରିରୁ ୨୪୦, ଗଜପତିରୁ ୧୨୬ କୁଇଂଟାଲ ଗଞ୍ଜେଇ ଜବତ ହୋଇଥିବା ସେ କହିଛନ୍ତି । ଗତ ପାଂଚ ବର୍ଷ ଧରି ହାରାହାରି ୪୧୪ କ୍ୟୁଟାଲ ଗଂଜେଇ ଜବତ ହୋଇଥିବା ସେ କହିଛନ୍ତି।

## ବିପର୍ଯ୍ୟୟ ପରିଚାଳନାକୁ ଦୃଢ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ଆନ୍ତର୍ଜାତିକ ଦୁର୍ବିପାକ ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ପ୍ରତିବର୍ଷ ବିଭିନ୍ନ ପ୍ରତିକୂଳ ଜଳବାୟୁ ପରିସ୍ଥିତି ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି । ବିଭିନ୍ନ ସ୍ତରରେ ବିପର୍ଯ୍ୟୟ ପରିଚାଳନା ଦୃଢ଼ୀକରଣ, ଦୁର୍ବିପାକକୁ ସାମ୍ନା କରିବାକୁ ପ୍ରସ୍ତୁତ ଭିତିଭୂମି ଏବଂ ଲୋକଙ୍କ ଜୀବନରକ୍ଷା ପାଇଁ ଉତମ ଅଭ୍ୟାସ କ୍ରମେ ପ୍ରତିରୋଧକୁ ସଶକ୍ତ କରିବା ପାଇଁ ସମସ୍ତେ ଶପଥ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି ।

## ଦୁର୍ବଳ ହେଲା ଅବପାତ: ୨୪ ଘଂଟା ପାଇଁ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ




ଭୁବନେଶ୍ୱର,୧୩।୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏକ ଅବପାତରେ ପରିଣତ ହୋଇ ମଙ୍ଗଳବାର ସକାଳ ସାଢେ ୬ ଟାରୁ ସାଢେ ୭ ଟା ମଧ୍ୟରେ ଉତର ଆନ୍ଧ୍ରପ୍ରଦେଶର କାକିନାଡା ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିଯାଇଛି । ଆସନ୍ତା ୬ ଘଂଟା ମଧରେ ଏହା ସଂପୂର୍ଣ୍ଣ ରୂପେ ଦୁର୍ବଳ ହେବ । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଉପକୂଳ ଓଡିଶା, ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶା ତଥା ଉତର ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହି ସମୟ ମଧରେ ରାଜ୍ୟର ଗଜପତି, ଗଞ୍ଜାମ, ରାୟଗଡା, ଖୋର୍ଦ୍ଧା, ପୁରୀ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ସମସ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୦,୦୫୮ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୧ ହଜାର ୦୫୮ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୩,୨୩୦ ଆରଟିପିସିଆରରେ ୬,୭୭୦ ଓ ଟ୍ରୁନଟ୍‌ରେ ୫୮ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୭୯୬୭୬ନମୁନାର ପରୀକ୍ଷା କରା ଯାଇଛି ।

## ଗୋଟିଏ ଦିନରେ ୨୨୭୫ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୫୬୯୩୭




ଭୁବନେଶ୍ୱର,୧୩।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୭୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୫୬୯୩୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩୦୧୯୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୫୬୩୫ ରହିଛି । ଆଜି ଚିହ୍ନଟ ହୋଇଥିବା ୨୨୭୫ ଜଣଙ୍କ ମଧ୍ୟରୁ ୧୩୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୫୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୩୬୪ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୩୬ , ବାଲେଶ୍ୱର ଜିଲ୍ଲାରେ ୧୧୧ ଜଣ, ବରଗଡ ଜିଲ୍ଲାରେ ୬୪ , ଭଦ୍ରକ ଜିଲ୍ଲାରେ ୫୦, ବଲାଙ୍ଗିର ଜିଲ୍ଲାରେ ୭୭, ବୌଦ୍ଧ ଜିଲ୍ଲାରେ ୨୧ ,କଟକ ଜିଲ୍ଲାରେ ୧୪୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୫. ଢେଙ୍କାନାଳ ଜିଲ୍ଲାରେ ୨୭, ଗଜପତି ଜିଲ୍ଲାରେ ୬, ଗଂଜାମ ଜିଲ୍ଲାରେ ୩୬, ଜଗତସିଂହପୁର ଜିଲ୍ଲାରେ ୫୫, ଯାଜପୁର ଜିଲ୍ଲାରେ ୮୨. ଝାରସୁଗୁଡା ଜିଲ୍ଲାରେ ୧୦୦, କଳାହାଣ୍ଡି ଜିଲ୍ଲାରେ ୬୪, କନ୍ଧମାଳ ଜିଲ୍ଲାରେ ୫୦, କେନ୍ଦ୍ରାପଡା ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୦୫୭ ହେଲା




ଭୁବନେଶ୍ୱର,୧୩।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୫୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ମୟୂରଭଂଜ ଜିଲ୍ଲାର ୪ ଜଣ, ଖୋର୍ଦ୍ଧା ଜିଲ୍ଲାର ୩ ଜଣ ଅଛନ୍ତି । ସେହିପରି ପୁରୀ ଓ ସୁନ୍ଦରଗଡ ଜିଲ୍ଲାର ୨-୨ ଜଣ ଅଛନ୍ତି । ବାଲେଶ୍ୱର, ବଲାଙ୍ଗୀର, ଜଗତସିଂହପୁର, ଝାରସୁଗୁଡା, କେନ୍ଦ୍ରାପଡା ଓ ସମ୍ବଲପୁର ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ▶▶ପୃଷ୍ଠା ୭

## ଅମୃତ ଯୋଜନାରେ ଓଡ଼ିଶାକୁ ମିଳିଛି ୮୮୫.୫୮ କୋଟି ଟଙ୍କା : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୩।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଅମୃତ ଯୋଜନା ମାଧ୍ୟମରେ ଓଡିଶାକୁ ୨୦୧୫-୨୦ ମଧ୍ୟରେ ୮୮୫.୫୮ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହା ଓଡିଶାରେ ସହରାଂଚଳ ବିକା କରିବାପାଇଁ ପ୍ରଧାନମନ୍ତ୍ରୀଙ୍କ ଥି ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅଟଳ ମିଶନ ଅମୃତ ଯୋଜନା ମାଧ୍ୟମରେ ଓଡିଶାର ଭୁବନେଶ୍ୱର, ଭଦ୍ରକ, ବାଲେଶ୍ୱର, ବ୍ରହ୍ମପୁର, ▶▶ପୃଷ୍ଠା ୭

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୩।୧୦ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୩୬୪ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୪,୨୮ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୬୦୧୪, ବାଲେଶ୍ୱର ଜିଲ୍ଲାରେ ୮୮୩୭ , ବରଗଡ ଜିଲ୍ଲାରେ ୭୬୦୭, ଭଦ୍ରକ ଜିଲ୍ଲାରେ ୬୦୪୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୪୮୨. ବୌଦ୍ଧ ଜିଲ୍ଲାରେ ୨୨୦୨, କଟକ ଜିଲ୍ଲାରେ ୨୩,୪୦୬, ଦେବଗଡ ଜିଲ୍ଲାରେ ୮୫୬, ଢେଙ୍କାନାଳ ଜିଲ୍ଲାରେ ୪୪୩୬. ଗଜପତି ଜିଲ୍ଲାରେ ୩୭୨୭, ଗଂଜାମ ଜିଲ୍ଲାରେ ୨୦୬୯୬ , ଜଗତସିଂହପୁର ଜିଲ୍ଲାରେ ୬୨୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୯୭୦୦, ଝାରସୁଗୁଡା ଜିଲ୍ଲାରେ ୫୯୪୩, କଳାହାଣ୍ଡି ଜିଲ୍ଲାରେ ୪୧୮୫, କନ୍ଧମାଳ ୫୧୮୫, କେନ୍ଦ୍ରାପଡା ଜିଲ୍ଲାରେ ୬୩୭୬, କେନ୍ଦୁଝର ଜିଲ୍ଲାରେ ୫୨୭୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୬୭୩୯ , ମାଲକାନଗିରି ଜିଲ୍ଲାରେ ୪୨୫୩, ମୟୁରଭଂଜ ଜିଲ୍ଲାରେ ▶▶ପୃଷ୍ଠା ୭

## ପୌରାଞ୍ଚଳରେ ବିଜେପି ପ୍ରାର୍ଥୀ ମାନସ ଦତ୍ତଙ୍କ ପ୍ରଚାର ଜାରି



ବାଲେଶ୍ୱର,୧୩।୧୦ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନ ପାଇଁ ପ୍ରମୁଖ ତିନି ଦଳର ପ୍ରାର୍ଥୀ ଘୋଷଣା ଶେଷ ହୋଇଥିବା ବେଳେ ପ୍ରଚାର କ୍ଷେତ୍ରରେ ବିଜେପି ପ୍ରାର୍ଥୀ ଆଗୁଆ ଥିବା ଲକ୍ଷ୍ୟ କରାଯାଇଛି । ବିଜେପି ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ସ୍ୱର୍ଗତ ଦନ ମୋହନ ଦତ୍ତଙ୍କ ସୁପୁତ୍ର ମାନସ ଦତ୍ତ ନାମାଙ୍କନପତ୍ର ଦାଖଲ କରି ନଥିଲେ ବି ଗତକାଲିଠାରୁ ପ୍ରଚାର ମୈଦାନକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି । ସ୍ୱର୍ଗତ ପିତାଙ୍କ ପଦାଙ୍କ ଅନୁସରଣ ପୂର୍ବକ ଶ୍ରୀ ଦତ୍ତ ଗତକାଲି ପୁରୁଣା ବାଲେଶ୍ୱରସ୍ଥିତ ବାବା ବାଣେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ପ୍ରଚାର କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା । ଆଜି ସେ ବାଲେଶ୍ୱର ପୌରାଞ୍ଚଳରେ ପ୍ରଚାର ଜାରି ରଖିଥିବା ଲକ୍ଷ୍ୟ କରାଯାଇଛି । ସହରର ସିନେମାଛକସ୍ଥିତ ଶିବ ମନ୍ଦିର ଓ ମୋତିଗଞ୍ଜ ହନୁମାନ ମନ୍ଦିରରେ ▶▶ପୃଷ୍ଠା ୭

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୨୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୩।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୨୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୮୧୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୬୦୮ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ସୌରାଲିପି ଓ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାପାଇଁ ଦାବୀ




ଗୁଣୁପୁର,୧୩।୧୦ (ନି.ପ୍ର): ଆଜି ରାୟଗଡା ଜିଲ୍ଲା ଗୁଣୁପୁର ସଦର ମହକୁମା ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ, ପୂର୍ବତନ ଗୁଣୁପୁର ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ମାତୃ ଭବନ ସୌରା ସଭାପତି ରାଧାନାଥ ଶବର, ଉପଦେଷ୍ଟା ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଏକ ସାମ୍ବାଦିକ ସମ୍ମିଳନୀ ରେ ସୌରା ଭାଷାର ଇତିହାସ, ସୃଷ୍ଟି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ଜଗନ୍ନାଥ ସଂସ୍କୃତି ଓ ଶବର ସଂସ୍କୃତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ସାଂାଳ ଭାଷା ପଛରେ ଆସି ସ୍ୱୀକୃତି ପାଇସାରିଥିବା ବେଳେ ଆଦିମ ସୌରା ଭାଷା ଓ ଲିପି ୧୯୩୬ରେ ଉଦ୍ଭାବନ ହୋଇ ଆଜି ପଛରେ ପଡିଛି । ରାଜନୈତିକ ସ୍ତରରେ ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା ଏହାକୁ ଆଗକୁ ନେବାକୁ ଡ଼ ଗମାଙ୍ଗ ଆହ୍ୱାନ ଦେଇଥିଲେ ।

## କାମାକ୍ଷା - ଯଶୋବନ୍ତପୁର , ସନ୍ତ୍ରାଗାଛି - ଚେନ୍ନାଇ ସେଂଟ୍ରାଲ ମଧ୍ୟରେ ଚାଲିବ ସ୍ୱତନ୍ତ୍ର ଏସି ଟ୍ରେନ୍

ଭୁବନେଶ୍ୱର,୧୩।୧୦ (ନି.ପ୍ର): ରେଳ ମନ୍ତ୍ରଣାଳୟ ପକ୍ଷରୁ କାମାକ୍ଷା (ଗୌହାଟୀ) ଓ ଯଶୋବନ୍ତପୁର (ବାଙ୍ଗାଲୋର) ଏବଂ ସନ୍ତ୍ରାଗାଛି (କଲିକତା) ଓ ଚେନ୍ନାଇ ସେଂଟ୍ରାଲ ମଧ୍ୟରେ ସ୍ୱତନ୍ତ୍ର ଏସି ଟ୍ରେନ ଚଳାଇବାକୁ ନିଷ୍ପତି ନେଇଛି । ୦୨୫୫୨ କାମାକ୍ଷା - ଯଶୋବନ୍ତପୁର ସାପ୍ତାହିକ ଏସି ଟ୍ରେନ ଅକ୍ଟୋବର ମାସ ୧୪ ତାରିଖ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କାମାକ୍ଷା ଠାରୁ ପ୍ରତି ବୁଧବାର ଅପରାହ୍ନ ୨ ଟାରେ ଛାଡି ଯଶୋବନ୍ତପୁର ଠାରେ ଶୁକ୍ରବାର ସନ୍ଧ୍ୟା ୬ଟା୨୫ମି.ରେ ପହଂଚିବ । ଫେରିବା ଦିଗରେ, ୦୨୫୫୧ ଯଶୋବନ୍ତପୁର-କାମାକ୍ଷା ଏସି ସ୍ପେଶାଲ୍ ଅକ୍ଟୋବର ମାସ ୧୭ ତାରିଖ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ପ୍ରତି ଶନିବାର ଦିନ ସକାଳ ୮ଟା୩୦ମି.ରେ ଛାଡି କାମାକ୍ଷା ଠାରେ ସୋମବାର ଦିନମାନଙ୍କରେ ପହଂଚିବ । ଏହି ଟ୍ରେନ୍ ରେ ଗୋଟିଏ ପ୍ରଥମ ଏସି, ଚାରିଟି ଏସି-୨ ଟାୟାର, ୧୨ଟି ଏସି -୩ ଟାୟାର, ଦୁଇଟି ଗାର୍ଡ କମ ଜେନେରେଟର ଭ୍ୟାନ ଏବଂ ଗୋଟିଏ ପ୍ୟାଂଟ୍ରି କାର ଉପଲବ୍ଧ ଥିବାବେଳେ କାମାକ୍ଷା ଓ ଯଶୋବନ୍ତପୁର ମଧ୍ୟରେ ଏହା ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବା ସହିତ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଏହା କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼, ବ୍ରହ୍ମପୁର, ବିଜୟନଗରମ ଷ୍ଟେସନ ମାନଙ୍କରେ ରହଣି କରିବ । ସେହିପରି ୦୨୮୦୭ ସନ୍ତ୍ରାଗାଛି-ଚେନ୍ନାଇ ସେଂଟ୍ରାଲ ଦ୍ୱି-ସାପ୍ତାହିକ ଏସି ସ୍ପେସିଆଲ୍ ଟ୍ରେନ ଅକ୍ଟୋବର ମାସ ୧୬ ତାରିଖ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସନ୍ତ୍ରାଗାଛି ଠାରୁ ପ୍ରତି ମଙ୍ଗଳ ଓ ଶୁକ୍ରବାର ଦିନମାନଙ୍କରେ ସନ୍ଧ୍ୟା ୭ଟା୫ମି.ରେ ଛାଡି ଚେନ୍ନାଇ ଠାରେ ତା’ପରଦିନ ମାନଙ୍କରେ ରାତ୍ର ୧୦ଟା୪୫ମି.ରେ ପହଂଚିବ । ଫେରିବା ଦିଗରେ, ୦୨୮୦୮ ଚେନ୍ନାଇ ସେଂଟ୍ରାଲ-ସନ୍ତ୍ରାଗାଛି ଦ୍ୱି-ସାପ୍ତାହିକ ଏସି ସ୍ପେସିଆଲ୍ ଅକ୍ଟୋବର ମାସ ୧୮ ତାରିଖ ଠାରୁ ଚେନ୍ନାଇ ଠାରୁ ପ୍ରତି ଗୁରୁବାର ଏବଂ ରବିବାର ଦିନ ସକାଳ ୮ଟା୫ମି.ରେ ଛାଡି ସନ୍ତ୍ରାଗାଛି ଠାରେ ତା’ପରଦିନ ମାନଙ୍କରେ ପୂର୍ବାହ୍ନ ୧୦ଟା୩୦ମି.ରେ ପହଂଚିବ । ଏହି ଟ୍ରେନ ସନ୍ତ୍ରାଗାଛି ଓ ଚେନ୍ନାଇ ସେଂଟ୍ରାଲ ମଧ୍ୟରେ ଉଭୟ ଦିଗରୁ ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼, ବିଜୟନଗରମ, ବିଶାଖାପାଟଣା, ବିଜୟୱାଡା ଓ ଗୁଡୁର ଷ୍ଟେସନ ମାନଙ୍କରେ ରହଣି କରିବ ।

## ଅଭିଯୁକ୍ତଙ୍କୁ ଗିରଫ କରୁନି କୁଆଖିଆ ପୁଲିସ, ଏସପିଙ୍କ ନିକଟରେ ଅଭିଯୋଗ

କୋରେଇ,୧୩।୧୦ (ନି.ପ୍ର): ଏକ ମରଣାନ୍ତକ ଆକ୍ରମଣ ମାମଲାରେ କୁଆଖିଆ ପୁଲିସ ବ୍ୟବହୃତ ଫାର୍ସାକୁ ଜବତ କରିଥିବା ସତ୍ୱେ ମଧ୍ୟ ଅଭିଯୁକ୍ତ ମାନେ ଖୋଲମଖୋଲା ବୁଲିବା ସହ ଧମକ ଦେଉଥିଲେ ମଧ୍ୟ ପୁଲିସ ମାମଲା ରୁଜୁ ନକରି ଅଭିଯୁକ୍ତଙ୍କୁ ବାହାରେ ବୁଲିବାକୁ ସୁଯୋଗ ଦେଉଥିବାର ଅଭିଯୋଗ ହୋଇଛି । ଏନେଇ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ଓ ପାଇଁ ଆଜି ଏସପିଙ୍କୁ ଭେଟିଛନ୍ତି ପିଡିତ ପରିବାର ଓ ଗ୍ରାମବାସୀ । ପ୍ରକାଶଯେ କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ଗ୍ରାମରେ ମନୋଜ ନାୟକଙ୍କୁ ଗତ ୯ତାରିଖ ରାତି ୧୦ ଘଟିକା ସମୟରେ ସେହି ଗ୍ରାମର ଅନାଦି ରାୟ ସାମନ୍ତ, ଅଯୋଦ୍ଧା ରାୟ ସାମନ୍ତ, ଅବିନାଶ ରାୟ ସାମନ୍ତ ପ୍ରମୁଖ ସଙ୍ଗବଦ୍ଧ ଫାର୍ସାରେ ଆକ୍ରମଣ କରିଥିଲେ । ଫଳରେ ମନୋଜଙ୍କ ମୁଣ୍ଡରେ ଗଭୀର କ୍ଷତ ମଧ୍ୟ ହେବା ସହ ଚିତ୍କାର ଶୁଣି ଗ୍ରାମବାସୀ ମାନେ ପହଂଚିଯିବାରୁ ଅଭିଯୁକ୍ତମାନେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ସ୍ଥାନ ଛାଡି ପଳାଇଥିଲେ । ଫଳରେ ଗ୍ରାମବାସୀ ମାନେ ଗୁରୁତର ଆହତ ଅବସ୍ଥାରେ ମନୋଜଙ୍କୁ ମଧୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ କୁଆଖିଆ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳେ ପହଂଚି ବ୍ୟବହୃତ ଫର୍ସା ଜବତ କରିଥିଲା । ମାତ୍ର ଅଭିଯୁକ୍ତମାନେ ଏବେ ବାହାରେ ବୁଲିବା ସହ ଧମକ ଦେଉଥିଲେ ମଧ୍ୟ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ । ଫଳରେ ନ୍ୟାୟପାଇଁ ଆଜି ମନୋଜଙ୍କ ସ୍ତ୍ରୀ ପଦ୍ମିନୀ ସହ ଗ୍ରାମବାସୀମାନେ ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ।

## ଭୁବନ ମେଡ଼ିକାଲରେ ଅବ୍ୟବସ୍ଥା : ସାଧାରଣ ଅସୁସ୍ଥଙ୍କୁ ଢେଙ୍କାନାଳ ରେଫର୍ କରାଯାଉଛି

ଭୁବନ,୧୩।୧୦ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତବ୍ୟରତ ଡାକ୍ତରମାନେ ଠିକରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁନଥିବା ବେଳେ ସେବା ବଦଳରେ ରୋଗୀଙ୍କ ଠାରୁ ନେବା ଉପରେ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି । ଡାକ୍ତରଖାନାରେ ଡ୍ୟୁଟିରେ ଥିବା ସମୟରେ ଡାକ୍ତର ଘରେ ରହି ରୋଗୀଙ୍କ ଠାରୁ ଫିସ୍ (ପଇସା) ନେଇ ରୋଗୀ ଦେଖିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଫିସ୍ ଦେବାକୁ ଅକ୍ଷମ ଥିବା ରୋଗୀଙ୍କୁ ସାଧାରଣ ରୋଗପାଇଁ ବିନା ଚେକଅପ୍ ରେ ଢେଙ୍କାନାଳ ରେଫର୍ କରିଦେଉଥିବା ଅଭିଯୋଗ ହୋଇଛି । ଭୁବନର ୧୨ ଟି ପଂଚାୟତ ସମେତ ପଡୋଶୀ ଯାଜପୁର ଜିଲ୍ଲାର ଲୋକମାନେ ଭୁବନ ଡାକ୍ତରଖାନା ଉପରେ ନିର୍ଭରଶୀଳ ଥିଲାବେଳେ ଡାକ୍ତରଙ୍କ ଏଭଳି ଖାମଖିଆଲି ମନୋବୃତି ଯୋଗୁ ଅନେକ ହନ୍ତସନ୍ତ ହେଉଛନ୍ତି । ଗତ ୫ ତାରିଖ ଦିନ ଭୁବନର ଜଣେ ମଧ୍ୟବିତ ପରିବାରର ୫୮ ବର୍ଷ ବୟସ୍କ ସଦସ୍ୟ ରାତି ସାରା ବାନ୍ତି କରି ତାଙ୍କ ଶରୀର ଦୁର୍ବଳ କାରଣରୁ ଅସୁସ୍ଥ ହୋଇ ପଡ଼ିଥିଲେ । ରାତିରେ ଘରେ କେହି ପୁରୁଷ ଲୋକ ନଥିବାରୁ ତାଙ୍କୁ ସକାଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ସକାଳେ ଅଟୋରେ ଭୁବନ ମେଡିକାଲକୁ ନେଇ ଆଡ଼ମିଟ୍ କରିଥିଲେ । ତାଙ୍କ ଶରୀରରୁ ଜଳୀୟ ଅଂଶ କମିଯାଇଥିବାରୁ ସେ ଦୁର୍ବଳ ହୋଇପଡ଼ିଥିଲେ । ଡାକ୍ତର ମାନେ କିଛି ନବୁଝି ନଶୁଝି ରୋଗୀଙ୍କୁ ଢେଙ୍କାନାଳକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ । ଯେହେତୁ ରୋଗୀ ତାଙ୍କ ଘରର ଏକମାତ୍ର ଭରଣ ପୋଷଣ କରୁଥିଲେ ଓ ସେ ଘରର ମୁଖ୍ୟ ଥିଲେ ସେଥିପାଇଁ ତାଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଢେଙ୍କାନାଳ ନନେଇ ତାଙ୍କ ପରିବାର ଲୋକେ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ । ଘରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ପରିବାର ଲୋକେ ବହୁତ ଚିନ୍ତାରେ ଥିଲେ । ସେ କଟକର ଘରୋଇ ହସ୍ପିଟାଲରେ ଗେଟ୍ ପାଖରେ ପହଁଚିବା ପରେ ତାଙ୍କ ହୋସ୍ ଫେରି ଆସିଥିଲା । ସେ ସେହି ଗେଟ୍ ପାଖରୁ ଘରକୁ ଫେରିଆସିଥିଲେ । ତେଣୁ ଭୁବନ ମେଡ଼ିକାଲକୁ ଭଲ ଡାକ୍ତରଙ୍କ ନିଯୁକ୍ତି କରାଯାଉ । ଯାହାଫଳରେ କି ଗରିବ ଲୋକମାନେ ଆଉ ହନ୍ତସନ୍ତ ହେବେ ନାହିଁ ନାହିଁ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

## ପୂର୍ବତନ ବାଚସ୍ପତି ଶରତ କରଙ୍କ ବିୟୋଗରେ ସୂର୍ଯ୍ୟ ପାତ୍ରଙ୍କ ଶୋକ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ପୂର୍ବତନ ବାଚସ୍ପତି ତଥା ବର୍ଷୀୟାନ ରାଜନେତା ଶରତ କୁମାର କରଙ୍କ ପରଲୋକରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ଡ. ପାତ୍ର କହିଛନ୍ତି ଯେ, ବିଧାୟକ, ସାଂସଦ, ମନ୍ତ୍ରୀ ଓ ବାଚସ୍ପତି ଭାବେ ସ୍ୱର୍ଗତଃ କରଙ୍କର କାର୍ଯ୍ୟଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ବିଧାୟକ ଭାବେ ଏକାଧିକବାର ନିର୍ବାଚିତ ହେବା ତାଙ୍କର ଲୋକପ୍ରିୟତାର ପ୍ରମାଣ ବହନ କରେ । ଯୁବାବସ୍ଥାରୁ ରାଜନୀତି ଓ ସମାଜସେବା ସହିତ ସେ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ । ଜଣେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଓ ସୁବକ୍ତା ଭାବେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ବିଧାୟକ ଓ ମନ୍ତ୍ରୀ ଭାବେ ସେ ରାଜ୍ୟର ପ୍ରଗତିରେ ନିଜର ଛାପ ଛାଡ଼ି ଯାଇଛନ୍ତି । ଜଣେ ପ୍ରବୀଣ ରାଜନୀତିଜ୍ଞ, ଦକ୍ଷ ସଂଗଠକ, ସାହିତ୍ୟିକ, ବାଗ୍ମୀ ଓ ଦରଦୀ ମଣିଷ ଭାବେ ସେ ଜନମାନସରେ ସର୍ବଦା ଜୀବିତ ରହିବେ । ତାଙ୍କର ନୀତି ଓ ଆଦର୍ଶ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ବାଚସ୍ପତି ଡ. ପାତ୍ର ଦିବଂଗତ ନେତାଙ୍କ ଅମର ଆତ୍ମା ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

## ଅକ୍ଷୟ ମହାନ୍ତିଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ତାଙ୍କ ନିଆରା ସଙ୍ଗୀତ ରଚନା ତଥା ପରିବେଷଣ ଶୈଳୀ ଏବେ ବି ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ।

## ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍‌ର ଅନ୍‌ଲାଇନ ବୈଠକ

ନୂଆପଡା,୧୩।୧୦ (ନି.ପ୍ର): ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍‌ର ଅନ୍‌ଲାଇନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦ୍ରେସ୍ କୁମାର ଜୀ, ସଂଗଠନର ଜାତୀୟ ଅଧ୍ୟକ୍ଷ ଅନିଲ ଚୌଧୁରୀ ପ୍ରମୁଖ ଫେସବୁକ୍ ମାଧ୍ୟମରେ ଭାରତ ବର୍ଷର ହଜାର ହଜାର କର୍ମକର୍ତାଙ୍କୁ ସମ୍ବୋଧନ କରିଥିଲେ । ବୈଠକରେ ବେରୋଜଗାର, ଗରିବ, କୁପୋଷଣ, ଅନାହାର ମୃତ୍ୟୁର କାରଣ ବିଷୟରେ ଆଲୋଚନା ହୋଇଥିଲା । ଭାରତରେ ବିଶ୍ୱର ୧୮ ପ୍ରତିଶତ ଜନସଂଖ୍ୟା ରହିଛି, ଯାହା ତୁଳନାରେ ମାତ୍ର ୨.୪ ପ୍ରତିଶତ ଭୂଖଣ୍ଡ ଏବଂ ୪ ପ୍ରତିଶତ ଜଳ ରହିଅଛି । ଭାରତ ବର୍ଷରେ ଜନସଂଖ୍ୟା ସମସ୍ୟା କାରଣରୁ ମହାମାରୀ କରୋନା ନିୟନ୍ତ୍ରଣାଧିନ ହୋଇପାରୁନାହିଁ । ଗତ ଜୁଲାଇ ୧୧ ତାରିଖ ଦିନ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଦେଶର ୧୬୨ ଗୋଟି ଜିଲାରୁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍‌ର କାର୍ଯ୍ୟକର୍ତା ମାନେ ଭାରତର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମାନଙ୍କୁ ପ୍ରଦାନ କରି ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଆଣିବାକୁ ଦାବିପତ୍ର ଦିଆଯାଇଥିଲା । ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଶିଘ୍ର ପାରିବ ହେବ ବୋଲି ଫାଉଣ୍ଡେସନର କର୍ମକର୍ତା ଆଶାବାଦୀ ଅଛନ୍ତି । ଚୀନ ଓ ପାକିସ୍ତାନ ଉଭୟ ଦେଶର ବିସ୍ତାବାଦୀ–ନୀତି ଯୋଗୁଁ ଭାରତ ବର୍ଷର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଛି, ଦେଶର ଆବାଳ ବୃଦ୍ଧବନିତା ସମସ୍ତେ ସେନା ସହ ଛିଡା ହେବାକୁ ଆହ୍ୱାନ କରିଥିଲେ । କରୋନା କଟକଣା ଯୋଗୁଁ ଏହାର ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇପାରିନଥିବା ବେଳେ କଟକଣା ଉଠିଯିବା ପରେ ଦେଶର ବିଭିନ୍ନ ପ୍ରାନ୍ତରେ ସଚେତନତା ସଭାମାନ ଅନୁଷ୍ଠିତ ହେବ ବୋଲି ଇନ୍ଦ୍ରେଶ କୁମାର ଜୀ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ରାଜ୍ୟ ସଭାପତି ବିପିନ ବିହାରୀ ଦାସ, ସଂଯୋଜକ ଯଦୁମଣି ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଗୋପାଳ ଜୀ ପାଣିଗ୍ରାହୀ, ସମ୍ପାଦକ ନନ୍ଦକିଶୋର ପାଣିଗ୍ରାହୀ, ଉପସଭାପତି ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୃଷ୍ଟି ମାଝୀ, ଭବେନ୍ଦ୍ର ପଣ୍ଡା, ସହ ବୈଦ୍ଧିକ ପ୍ରମୁଖ ଶେଷଦେବ ବେହେରା, ନୂଆପଡା ଜିଲ୍ଲା ସଭାପତି ବସନ୍ତ ସିଂ ଠାକୁର, କଳାହାଣ୍ଡି ଜିଲ୍ଲା ସଭାପତି ବସନ୍ତ ପୁରୋହିତ, ବଲାଙ୍ଗିର ଜିଲ୍ଲା ସଭାପତି ଅଶୋକ ନାୟକ, ବରଗଡ ଜିଲ୍ଲା ସଭାପତି ଶ୍ରୀକାନ୍ତ ମିଶ୍ର, ସୋନପୁର ଜିଲ୍ଲା ସଭାପତି ନେହେରୁ ପ୍ରଧାନ, ଝାରସୁଗୁଡା ଜିଲ୍ଲା ସଭାପତି ଅରୁଣ ବେହେରାଙ୍କ ସହ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି ଭାଗ ନେଇଥିଲେ ।

## ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କାଠ, ତିନୋଟି ମୋଟର ସାଇକେଲ ଜବତ : ଜଣେ ଅଟକ

କେନ୍ଦୁଝର,୧୩।୧୦ (ନି.ପ୍ର): କେନ୍ଦୁଝର ବନ ବିଭାଗକୁ ମିଳିଛି ଏକ ବଡ ସଫଳତା । ପ୍ରାୟ ପଚାଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଚୋରା କାଠ ସହ ତିନୋଟି ମୋଟର ସାଇକେଲ ଜବତ କରିଛି ବନ ବିଭାଗ । ଘଟଣାରେ ଜଣଙ୍କୁ ଅଟକ ରଖିଛି । ରବିବାର ବିଳମ୍ବିତ ରାତିରେ ହରିଚନ୍ଦନପୁର ରେଞ୍ଜ ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ସମୟରେ ତିନୋଟି ମୋଟର ସାଇକେଲରେ ଚୋରା କାଠ ଯାଉଥିବା ଦେଖି ତାକୁ ପିଛା କରି ଗୋଡାଇ ଗୋଡାଇ ଧରିବାରେ ସଫଳ ହୋଇଥିଲା ବନ ବିଭାଗ । ଚୋରା କାଠ ବେପାରୀ ମୋଟର ସାଇକେଲ ସହ ଚୋରା କାଠ ଛାଡି ଜଙ୍ଗଲ ଭିତରକୁ ଦୌଡି ଦୌଡି ପଳାଯିବାରେ ସଫଳ ହୋଇଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ ମାନେ ଜଙ୍ଗଲ ମଧ୍ୟରେ ଗୋଡାଇ ଗୋଡାଇ ଜଣକୁ କାବୁ କରି ପାରିଛନ୍ତି । କେନ୍ଦୁଝର ଜିଲ୍ଲାର ରେବଣାପଳାସପାଳ ସଂରକ୍ଷିତ ଜଙ୍ଗଲରୁ ଏହି ଶାଳ କାଠ ସବୁ ଆନନ୍ଦପୁର ଅଂଚଳକୁ ଯାଉଥିବା ବନ ବିଭାଗ ଜାଣିବାକୁ ପାଇଛି । ଜବତ କାଠର ମୂଲ୍ୟ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ବନ ବିଭାଗ ପକ୍ଷରୁ ଗୋଡାଇ ଗୋଡାଇ ଧରିଥିବା ବ୍ୟକ୍ତିଙ୍କୁ ପଚରା ଉଚରା ଜାରୀ ରହିଛି ।

## ଆଦରମଣି ବରାଳ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ବରିଷ୍ଠ ସମାଜସେବୀ ତଥା ଶିକ୍ଷୟତ୍ରୀ ପ୍ରଫେସର ଆଦରମଣି ବରାଳଙ୍କ ସ୍ମୃତିରେ ଭଚୁଆଳ ପ୍ଲାଟଫର୍ମରେ ଏକ ସ୍ମୃତି ସଭା ଗତ କାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଆଦରମଣିଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ପ୍ରଫେସର ବରାଳ ଥିଲେ ଏକାଧାରରେ ଜଣେ ସମାଜସେବୀ, ଶିକ୍ଷୟତ୍ରୀ, ସୁଲେଖିକା, ବାଗ୍ମୀ, ଆକାଶବାଣୀର କଳାକାର, ଅଭିନେତ୍ରୀ । ଏଥି ସହିତ ସେ ମଧ୍ୟ ଥିଲେ ଜଣେ ସୁଗୃହିଣୀ, ସୁପତ୍ନୀ ଓ ସୁମାତା । ତାଙ୍କ ସଂସ୍ପର୍ଶ ରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଉପରେ ତାଙ୍କର ଗଭୀର ପ୍ରଭାବ ରହିଥିଲା । ଆଦରମଣି ଥିଲେ ଅନନ୍ୟା । ସେ ଥିଲେ ସ୍ନେହ ଓ ଆଦରର ମଣି । ତାଙ୍କ କର୍ମ ଦ୍ୱାରା ସେ ତାଙ୍କର ନାମକୁ ସାର୍ଥକ କରିଯାଇଛନ୍ତି । ଆଦରମଣି ଜନ୍ମ ଗ୍ରହଣ କରିଥିଲେ ୧୯୩୮ ମସିହାରେ । ଗତ ସେପ୍ଟେମ୍ବର ମାସ ୨୪ ତାରିଖରେ ୮୨ ବର୍ଷ ବୟସରେ ତାଙ୍କର ଦେହବସାନ ହୋଇଥିଲା । ସ୍ୱର୍ଗୀୟା ଆଦରମଣିଙ୍କ ପାଇଁ ଅନୁଷ୍ଠିତ ସ୍ମୃତି ସଭାରେ ପ୍ରାୟ ୧୫୦ ରୁ ଉର୍ଦ୍ଧ ବ୍ୟକ୍ତି ବିଶେଷ ରାଜ୍ୟ ତଥା ରାଜ୍ୟ ବାହାରୁ ଯୋଗଦାନ କରିଥିଲେ । ଏହି ସ୍ମୃତି ସଭାର ଅଧକ୍ଷତା କରିଥିଲେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ ଓ ସଂଯୋଜନା କରିଥିଲେ ଅନୁରାଧା ମହାନ୍ତି ଓ ଆହୁତି ବରାଳ । ପ୍ରଥମେ ତାଙ୍କ ପାଇଁ ଏକ ମିନିଟର ନିରବ ପ୍ରାର୍ଥନା କରାଯାଇ ଥିଲା । ଏହି ସ୍ମୃତି ସଭାରେ ଆଦରମଣିଙ୍କ ବଡ ପୁଅ ଆକାଶ ବରାଳ ଉପସ୍ଥିତ ଥିଲେ । ଏହି ସଭାରେ ଆଦରମଣି ବରାଳଙ୍କ ସୁପୁତ୍ର ଅଧ୍ୟାପକ ଆଭାସ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିଲେ । ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ମୃତି ଚାରଣ କରି କହିଥିଲେ ଯେ ସେ ଥିଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଓ ତାଙ୍କ ପରି ଜଣେ ଅସାଧାରଣ ବ୍ୟକ୍ତି ବିରଳ । ତାଙ୍କର ସ୍ମୃତି ଚାରଣ କରି ବରିଷ୍ଠ ପ୍ରଶାସକ ତଥା ଆରଡିସି ଶ୍ରୀଯୁକ୍ତ ନିରଂଜନ ସାହୁ କହିଥିଲେ ଯେ ମା’ ଆଦରମଣି ଥିଲେ ଆତ୍ମବିଶ୍ୱାସରେ ଭରପୁର । ସେ ଖୋର୍ଦ୍ଧାର ଜଣେ ମୁରବି ସ୍ଥାନୀୟ ବ୍ୟକ୍ତି ଥିଲେ । ଓଡିଶା ରିଭ୍ୟୁର ସମ୍ପାଦକ ଆଡ଼ଭୋକେଟ ଡଃ ଲେଲିନି ମହାନ୍ତି କହିଥିଲେ ସେ ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ । ତାଙ୍କର କଥା କହିବାର ଶୈଳୀ ଅତ୍ୟନ୍ତ ନିଆରା ଥିଲା । ତାଙ୍କର ବାଣୀ ମାଧମରେ ସେ ଅନ୍ୟକୁ ପ୍ରଭାବିତ କରିପାରୁଥିଲେ । ପୂର୍ବତନ ବିଧାୟକ ଆଦିକନ୍ଦ ସେଠି କହିଥିଲେ ଅନ୍ୟକୁ ପ୍ରେରଣା ଓ ଉତ୍ସାହ ଦେବାକୁ ସେ ସଦା ତତ୍ପର ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ଼ଃ ଅମୀୟ କୁମାର ମହାନ୍ତି, ରୁବି ରାଉତ, ଡ଼ଃ ସେବା ମହାପାତ୍ର, କସ୍ତୁରୀ ମହାପାତ୍ର, ପିକକର ନିର୍ଦ୍ଦେଶିକା ଡ଼ଃ ମିନାକ୍ଷୀ ପଣ୍ଡା, ସ୍ନେହପ୍ରଭା ସାମନ୍ତରାୟ, ଦେବୁ ମଜୁମଦାର, ଅରବିନ୍ଦ ମିତ୍ର, ସୁବୋଧ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ, ଡଃ ସଙ୍ଘମିତ୍ରା ମିଶ୍ର, ଜୟକୃଷ୍ଣ ହୋତା, ଡଃ ସଶାଙ୍କ ଶେଖର ରଥ, ଡ଼ଃ ବିଶ୍ୱମୋହିନୀ ମଙ୍ଗରାଜ, ଅଧ୍ୟାପିକା, ମହେନ୍ଦ୍ର କୁମାର ମହାନ୍ତି, ଅଧ୍ୟାପକ, ପ୍ରଫେସର ଡ଼ଃ ଈଶ୍ୱରୀପ୍ରସାଦ ବଡ଼ପଣ୍ଡା, ପ୍ରଫେସର ଶୁଭେନ୍ଦୁ ମହାନ୍ତି, ସବିତା ନାୟକ, ପାଣୁ ବେହେରା ପ୍ରମୁଖ ଉପସ୍ଥିତ ରହି ତାଙ୍କର ସମୃତି ଚାରଣ କରିଥିଲେ । ଏହି ସଭାରେ ତାଙ୍କ ଜ୍ୱାଇଁ ପ୍ରତାପ କୁମାର ସାହୁ, ନାତୁଣୀ ଜ୍ୱାଇଁ ରାହୁଲ ଓ ନାତୁଣୀ ପୂର୍ବାଷା ଉପସ୍ଥିତ ରହି ଆଦରମଣୀ ବରାଳଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଅଲୋଚନା କରି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶ ତଥା ଖୋର୍ଦ୍ଧାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ନିଷ୍ପତି ନିଆଯାଇଥିଲା ।

## ଜାତୀୟ ରାଜପଥରେ ଗାଈଗୋରୁଙ୍କ ଗୋଠ, ଅକାରଣରେ ଜୀବନ ଚାଲି ଯାଉଛି

ନୂଆପଡା,୧୩।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଦେଇ ଯାଇଥିବା ଏକ ମାତ୍ର ୩୫୩ ନଂ ଜାତୀୟ ରାଜପଥ ଅତିକ୍ରମ କରିଅଛି । ନୂଆପଡା ଜିଲ୍ଲା ଛତିଶଗଡ ରାଜ୍ୟ ସୀମାନ୍ତ ଠାରୁ ଖଡିଆଳ ଦେଇ ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ପର୍ଯ୍ୟନ୍ତ ୯୦ କିଲୋମିଟର ଅତିକ୍ରମ କରିଛି । ଖଡିଆଳ ସହର ମଧ୍ୟ ଦେଇ ଯାଇଥିବା ଏହି ଜାତୀୟ ରାଜପଥରେ ବୁଲା ଗାଈଗୋରୁଙ୍କ ଗୋଠ ତିଆରି କରି ନିଜର ଆସିଆନା ବନାଉଛନ୍ତି । ଦୃତ ଗତିରେ ଚାଲିଥିବା ଭାରୀଯାନ ରାତ୍ରୀ ସମୟରେ ସେମାନଙ୍କ ଉପରକୁ ଚଢାଇ ଦେଇ ଚାଲି ଯାଉଛନ୍ତି । ଯାହା ଫଳରେ ଅନେକ ଗାଈଗୋରୁଙ୍କର ଅକାରଣରେ ଜୀବନ ଚାଲି ଯାଉଛି । ଗାଈଗୋରୁଙ୍କର ମୃତ୍ୟୁ ଦେଖି କିଛି ଖଡିଆଳ ବୁଦ୍ଧିଜୀବୀ ଗାଈଗୋରୁଙ୍କୁ ଆକଟ କରି ସ୍ଥାନୀୟ ପଡିଆ, ପୁରୁଣା ବସଷ୍ଟାଣ୍ଡରେ ନେଇକି ଛାଡୁଥିଲେ । ହେଲେ ତାହା ସମ୍ଭବ ହୋଇ ପାରିନଥିଲା । କାରଣ ପୁଣି ଏହି ଗାଈଗୋରୁ ମାନେ ଜାତୀୟ ରାଜପଥକୁ ଚାଲି ଆସୁଥିଲେ । ଫଳରେ ପୁରୁଣା ସ୍ଥିତିକୁ ପୁଣି ଚାଲି ଆସିଅଛି । ଜାତୀୟ ରାଜପଥ କଡରେ ଏହି ପ୍ରାଣୀଙ୍କ ପାଇଁ ଏକ ବିଶ୍ରାମସ୍ଥଳୀ ଆବଶ୍ୟକ ରହିଅଛି । ଚାରି ପଟେ ବାଡ ରହିବା ସହ ଭିତରେ ଅସ୍ଥାୟୀ ଛାଉଣି ସହ ପାନୀୟ ଜଳ ବ୍ୟବସ୍ଥା କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଖଡିଆଳ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଏନେଇ ଜିଲ୍ଲା ପ୍ରଶାସନ ସହ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ପୂର୍ବତନ ବାଚସ୍ପତି ଶରତ କରଙ୍କ ବିୟୋଗର ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ଓଡ଼ିଶାର ପୂର୍ବତନ ବାଚସ୍ପତି, ପୂର୍ବତନ ମନ୍ତ୍ରୀ,ପୂର୍ବତନ ବିଧାୟକ, ବାଗ୍ମୀ, ସଂସ୍କୃତି ପ୍ରେମୀ ତଥା ମାହାଙ୍ଗାର ଜନପ୍ରିୟ ରାଜନେତା ଶରତ କରଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଏକ ଶୋକ ବାର୍ତ୍ତାରେ ସେ କହିଛନ୍ତି ଯେ ଓଡ଼ିଶା ଆଜି ଜଣେ ପରୋପକାରୀ, ବିଚକ୍ଷଣ ରାଜନେତା ଙ୍କୁ ହରେଇଲା । ସ୍ୱର୍ଗତଃ କରଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଅପୂରଣୀୟ କ୍ଷତି । ମାହାଙ୍ଗା ନିର୍ବାଚନମଣ୍ଡଳୀର ଅନ୍ୟତମ ସୁଯୋଗ୍ୟ ସନ୍ତାନ ସେକ୍ ମତଲୁବ ଅଲ୍ଲୀଙ୍କର ନିକଟରେ ବିୟୋଗ ଘଟିବା ପରେ ସେହି ମାଟି ପୁଣି ଆଜି ଜଣେ ସୁଯୋଗ୍ୟ ସନ୍ତାନ ଶରତ କୁମାର କରଙ୍କୁ ହରେଇଛି । ମୋର ସ୍ୱର୍ଗତଃ କରଙ୍କ ସହ ଦୀର୍ଘଦିନରୁ ଘନିଷ୍ଠ ସମ୍ପର୍କ ଥିଲା । ଯାହାକି ମୋତେ ଅତି ମର୍ମାହିତ କରିଛି ବୋଲି ଶ୍ରୀ ପଟ୍ଟନାୟକ ଦୁଖପ୍ରକାଶ କରି କହିଛନ୍ତି । ସ୍ୱର୍ଗତଃ କର ମନ୍ତ୍ରୀ ଓ ବାଚସ୍ପତି ଥିବାବେଳେ ଅନେକ ଗୁଡିଏ ଜନହିତକର କାର୍ଯ୍ୟ କରିଯାଇଛନ୍ତି ଯାହାକି ସବୁଦିନ ପାଇଁ ଲୋକେ ମନେରଖିବେ । ସ୍ୱର୍ଗତଃ ଶରତ ବାବୁଙ୍କ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଯେତିକି ପାରଦର୍ଶିତା ଥିଲା, ସୁବକ୍ତା ଓ ଲେଖକ ଭାବରେ ମଧ୍ୟ ସେତିକି ଖ୍ୟାତି ଥିଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ କରଙ୍କ ଅମର ଆତ୍ମାର ସଦଗତି କାମନା କରି ଏହି ଦୁଃଖଦ ସମୟରେ ଭଗବାନ ତାଙ୍କ ପରିବାରକୁ ସାହାସ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

## ବ୍ରହ୍ମପୁର ସହରରେ ସପ୍ତମ ପର୍ଯ୍ୟାୟ ହେଲଥ ସ୍କ୍ରିନିଂ ଆଜିଠୁ ଆରମ୍ଭ

ଗଞ୍ଜାମ,୧୩।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ଆଜିଠାରୁ ସପ୍ତମ ପର୍ଯ୍ୟାୟ ହେଲଥ ସ୍କ୍ରିନିଂ ଆରମ୍ଭ ହୋଇଛି । ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମରେ ୧୨୦ ଟି ଟିମ୍ ନିୟୋଜିତ ରହିଛନ୍ତି । ଏହି ସୂଚନା ଦେଇଛନ୍ତି ବିଏମସି କମିଶନର ବାଲିରାମ ସିଦ୍ଧେଶ୍ୱର ବୋଦାର । ଏଥିରେ ର୍ୟାପିଡ୍ ସେସପନ୍ସ ଟିମ୍, ପାରା ମେଡିକାଲ କର୍ମଚାରୀ, ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱେଚ୍ଛାସେବୀ କର୍ମୀ ମାନେ ସାମିଲ୍ ହୋଇଛନ୍ତି । ରୋଗାକ୍ରାନ୍ତ ଲୋକଙ୍କ ସ୍ୱାସ୍ଥ୍ୟର ଯତ୍ନ ସହ କେତେଜଣ ଅସୁସ୍ଥ ରହିଛନ୍ତି ତାହା ମଧ୍ୟ ପଞ୍ଜିକରଣ କରିବା ଲକ୍ଷ୍ୟ ନେଇ ଏହି ସ୍କ୍ରିନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଲୋକଙ୍କ ରକ୍ତଚାପ, ଅମ୍ଳଜାନ ସ୍ତର ପରୀକ୍ଷା କରାଯିବା ସହିତ କେତେଜଣ ରୋଗଗ୍ରସ୍ତ ଅଛନ୍ତି ସେମାନଙ୍କୁ ତାଲିକାଭୁକ୍ତ କରାଯାଉଛି ବୋଲି ସେ କହିଛନ୍ତି । ସହରର ବିଭିନ୍ନ ସ୍ଥାନରେ କଟକଣାକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରାଯାଉଛି । ପଚଂସୂତ୍ରୀ ନିୟମକୁ ବ୍ୟବସାୟୀ ମାନେ ପ୍ରାୟତଃ ମାନୁନାହାଁନ୍ତି । ପଚଂସୂତ୍ରୀ ନିୟମ ପ୍ରକାରେ ଯଦି କୌଣସି ଦୋକାନରେ ବ୍ୟାରିକେଟ, ମାସ୍କ, ସାନିଟାଇଜର୍, ଗୋଲେଇ, ପଞ୍ଜିକରଣ ବ୍ୟବସ୍ଥା ନଥିବ କୋଭିଡ୍ ନିୟମ ପ୍ରକାରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଠାରୁ ଜୋରିମାନା ଆଦାୟ କରାଯିବ । ଏଥିପାଇଁ ୪ଟି ସ୍କ୍ୱାଡ୍ ଗଠନ କରାଯାଇଛି । ବିଏମସି ଏନଫୋର୍ସମେଂଟ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଥିବା କମିଶନର ସୂଚନା ଦେଇଛନ୍ତି । ଚଳିତ ମାସ ଶେଷ ପର୍ଯ୍ୟନ୍ତ ଏନଫୋର୍ସମେଂଟକୁ କଡ଼ାକଡ଼ି କରାଯିବ । ସହରରେ ବହୁ ଠେଲା ଜଳଖିଆ ଦୋକାନ ଓ ରାସ୍ତାକଡ଼ ଫାଷ୍ଟଫୁଡ୍ ଦୋକାନ ରହିଛି । ଏହି ଦୋକାନ ମାନଙ୍କରେ ଗ୍ରାହକଙ୍କୁ ଖାଇବାକୁ ମନା କରାଯାଇଛି । କେବଳ ପାର୍ସଲ୍ ନେଇପାରିବେ । ଯଦି ହୋଟେଲରେ ବସି ଖାଇବାକୁ ଦିଆଯିବ ଏବଂ ଗହଳି କରାଯିବ ତାହାଲେ ସମ୍ପୃକ୍ତ ହୋଟେଲ କର୍ତ୍ତୃପକ୍ଷ ଓ ଦୋକାନୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ତ୍ତମାନ ସହରରେ ସଂକ୍ରମଣ ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇନାହିଁ । କେତେକ ଅଂଚଳରୁ ପଜିଟିଭ୍ ଚିହ୍ନଟ ହେଉଛନ୍ତି । ଏହି ଅଂଚଳରୁ ନିୟମିତ ଏବଂ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି ସେହି ଅଂଚଳକୁ ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରାଯିବ । ପରିସ୍ଥିତି ଓ ସମୟକୁ ଆଧାର କରି ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା ହେବ ବୋଲି ସୂଚନା ଦିଆଯାଇଛି ।



## କଡ଼ାଇ ଚିକେନ୍

### ସାମଗ୍ରୀ ପରିମାଣ

ବୋନା/ବୋନଲେସ୍ ଚିକେନ୍ ୪୦୦ ଗ୍ରାମ୍
କ୍ୟାପ୍ସିକମ୍ ୧୫୦ ଗ୍ରାମ୍
ପିଆଜ ୧୦୦ ଗ୍ରାମ୍
ଟମାଟୋ ୧୫୦। ଗ୍ରାମ୍
ତେଲ ୧୦୦ ମିଲି
କଞ୍ଚା ଲଙ୍କା ୫ ଟି
ଜୀରା ଗୁଣ୍ଡ ୧ଚା ଚାମଚ
ଲଙ୍କା ଗୁଣ୍ଡ ୧ ଚା ଚାମଚ
ଚିକେନ ମସଲା ପାଉଡର ୧ ଚା ଚାମଚ
ହଳଦୀ ଗୁଣ୍ଡ ୧/୨ ଚା ଚାମଚ
କାଜୁ ବାଦାମ ୧୦ ଟି
କସୁରୀ ମେଥି ଗୁଣ୍ଡ ୧ ଚା ଚାମଚ
ଧନିଆଁ ପତ୍ର ୨ ଟେବୁଲ୍ ଚାମଚ
ଧନିଆଁ ପତ୍ର ୧/୨ ଟେବୁଲ ଚାମଚ
ଗରମ ମସଲା ପାଉଡ ୧/୨ ଚା ଚାମଚ

### ପ୍ରସ୍ତୁତି ପ୍ରଣାଳୀ

ଧନିଆଁ, ପାନ ମଧୁରୀ, କଞ୍ଚା, ଲଙ୍କାକୁ ସୁଗନ୍ଧ ବାହାରିବ ପର୍ଯ୍ୟନ୍ତ ଶୁଖିଲା ଭାଜନ୍ତୁ । ଏହାକୁ ଥଣ୍ଡା କରନ୍ତୁ ଓ ଗରମ ମସଲା ପାଉଡର ସହିତ ମିଶାନ୍ତୁ । ଏହାପରେ କଟା ଟମାଟୋକୁ ବ୍ଲେଣ୍ଡରରେ ପକାନ୍ତୁ ଓ ଏହାର ଚକଟା କରନ୍ତୁ । ଏହା ପରେ କଡ଼େଇରେ ତେଲ ପକାନ୍ତୁ ଓ ଯେତେବେଳେ ତେଲ ଗରମ ହୋଇଯିବ, ଏଥିରେ କ୍ୟାପ୍ସିକମ୍ ଓ ପିଆଜ ପକାନ୍ତୁ । ଏହାକୁ ୨ ମିନିଟ ପାଇଁ ଭାଜନ୍ତୁ ଓ କାଢ଼ି ନେଇ ଅଲଗା କରି ରଖନ୍ତୁ । ଏହାପରେ ପୁଣି ଥରେ କଡ଼େଇରେ ତେଲ ସହିତ ଲଙ୍କା ଓ ଜିରା ପକାନ୍ତୁ । ଜିରା ଫୁଟିବା ପର୍ଯ୍ୟନ୍ତ ତେଲରେ ଭାଜନ୍ତୁ । ଏହା ପରେ କଟା ପିଆଜକୁ ପକାନ୍ତୁ ଓ ଏହା ଲାଲ ପଡ଼ିବା ପର୍ଯ୍ୟନ୍ତ ଭାଜନ୍ତୁ । ଏହା ପରେ ଅଦା ରସୁଣ ପେଷ୍ଟକୁ ପକାନ୍ତୁ । କଞ୍ଚା ଗନ୍ଧ ଯିବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ । ଏହାପରେ ଚିକେନ୍ ପକାନ୍ତୁ ଓ ୪ ରୁ ୫ ମିନିଟ ପାଇଁ ଭାଜନ୍ତୁ । ଏହାପରେ ଚିମୁଟାଏ ହଳଦୀଗୁଣ୍ଡ ଓ ଲଙ୍କା ଗୁଣ୍ଡ ଏବଂ ଚିକେନ ମସଲା ପାଉଡର ପକାନ୍ତୁ । କିଛି ମିନିଟ୍ ପାଇଁ ଏହାକୁ ମିଶାଇ ଭଲ ଭାବରେ ଭାଜନ୍ତୁ । ଏହାପରେ ଟମାଟୋ ଚକଟା କାଜୁ ପେଷ୍ଟ ଓ ଆବଶ୍ୟକତା ଅନୁସାରେ ଚିମୁଟାଏ ଲୁଣକୁ ପକାନ୍ତୁ । କଂଚା ଗନ୍ଧ ଯିବା ପର୍ଯ୍ୟନ୍ତ ଏହାକୁ ମିଶାନ୍ତୁ ଓ ରାନ୍ଧନ୍ତୁ । ଯେତେବେଳେ ମସଲା ଗାଢ଼ ହୋଇଯିବ ଓ ତେଲ ଉପରକୁ ଆସିବ ଏହାକୁ ଘୋଡ଼ାଇ ଦିଅନ୍ତୁ ଓ ଚିକେନ ନରମ ହେବା ପର୍ଯ୍ୟନ୍ତ ଏହାକୁ ରଖନ୍ତୁ । ଏହା ପରେ ଭଜା ପିଆଜ ଓ କ୍ୟାପ୍ସିକମ୍କୁ ପକାଇ ମିଶାଇ ଦିଅନ୍ତୁ ଏବଂ ପୁଣି ଥରେ ୩ ମିନିଟ ପାଇଁ ରାନ୍ଧନ୍ତୁ । କସୁରୀ ମେଥି ଗୁଣ୍ଡ ଓ ଧନିଆ ପତ୍ର ପକାନ୍ତୁ ଭଲ ଭାବରେ ମିଶାଇ ଦିଅନ୍ତୁ । ଏହାକୁ ଗରମ ଗରମ ଭାତ ବା ରୁଟି ସହିତ ପରିବେଷଣ କରନ୍ତୁ ।

## ସଜାନ୍ତୁ ଠାକୁର ଘର

ଘର ବଡ଼ ହେଉ ବା ଛୋଟ ଠାକୁର ଘର ନିଶ୍ଚୟ ରହିଥାଏ । ଠାକୁର ଘର ଥିଲେ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଥାଏ । ତେବେ ଠାକୁର ଘର ଛୋଟ ହୋଇଥିଲେ ବି ଏହାର ସାଜସଜ୍ଜା ଜରୁରି । ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ଠାକୁର ଘର ।



ସମସାମୟିକ ଡିଜାଇନ୍:
ଏହି ଡିଜାଇନ୍ ଆପଣ ଲିଭିଙ୍ଗ୍ ରୁମ୍ କିମ୍ବା ଅନ୍ୟ ରୁମ୍‌ର ଜାଗା ଅନୁସାରେ ଡିଜାଇନ୍ କରିପାରିବେ । ନ୍ୟୁଟ୍ରାଲ୍ କଲର ଟାଇଲ୍ସ ସହିତ ଡାର୍କ କଲରର ଉଡେନ୍ ବର୍ଡର ନିଅନ୍ତୁ । ବ୍ୟାକଗ୍ରାଉଣ୍ଡରେ ଟାଇଲ୍ସ ଧଳା ହୋଇଥିବା ଦରକାର । ଆକର୍ଷି କରିବାରେ ଯଥେଷ୍ଟ ।

କଳାତ୍ମକ ପୂଜା ରୁମ୍:
କେବଳ ଠାକୁରଙ୍କ ମୂର୍ତ୍ତି ନୁହେଁ, ପେଣ୍ଟିଙ୍ଗ୍ କିମ୍ବା ୱାଲଷ୍ଟିକର ବି ଲଗାଇପାରିବେ । ପୂଜା ଘରକୁ ମାଳା, ଘଣ୍ଟି ଏବଂ ଛୋଟ ଛୋଟ ଦୀପରେ ବି ସଜାଇପାରିବେ । ଏସବୁ ଦେଖିବାକୁ ସୁନ୍ଦର ଲାଗିଥାଏ । ଏବଂ ଠାକୁର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।

ବେଡରୁମ୍‌ରେ ପୂଜା କର୍ନର:
ବେଡରୁମ୍‌ର ଏକ ଛୋଟ କ୍ୟାବିନେଟ୍‌ରେ ପୂଜା ଘର ତିଆରି କରିହେବ । ମୂର୍ତ୍ତି ରଖିବା ପାଇଁ କାଚ କିମ୍ବା ଉଡେନ୍ ର୍ୟାକ୍ ତିଆରି କରନ୍ତୁ । ଏଥିରେ ମୂର୍ତ୍ତି ଆରାମରେ ଫିଟ୍ ହୋଇଯାଏ । ଚାହିଁଲେ ମଲ୍ଟିକଲର ବଲବ୍‌ରେ ବି ସଜାଇପାରିବେ ।

ପ୍ରାର୍ଥନା ପାଇଁ ପ୍ଲାଟଫର୍ମ:
ପୂଜା ଘର ଲିଭିଙ୍ଗ୍ ଏରିଆ ବା ଡାଇନିଙ୍ଗ୍ ଯେଉଠି ବି ଥାଉନା କାହିଁକି ଛୋଟ ପ୍ରାର୍ଥନା ପ୍ଲାଟଫର୍ମ ରଖନ୍ତୁ । କାଠ କିମ୍ବା ଟାଇଲ୍ସରୁ ପ୍ଲାଟଫର୍ମ ତିଆରି କରିପାରିବେ । ପ୍ରାର୍ଥନା ପୂରା ଘରକୁ ସକାରାତ୍ମକ ଉର୍ଜାରେ ଭରି ଦେଇଥାଏ ।

ଉଡେନ୍ ପୂଜା ରୁମ୍:
କାଠରୁ ବିଭିନ୍ନ ପ୍ରକାରର ଡିଜାଇନ୍‌ର ପୂଜା ଘର ତିଆରି କରିପାରିବେ । ଟେମ୍ପଲ୍ ଡିଜାଇନ୍ ବେଶି ଭଲ ଲାଗିଥାଏ । ପୂଜା ରୁମ୍‌ର ଫ୍ଲୋର୍ ଟାଇଲ୍ସ କିମ୍ବା ମାର୍ବଲର ହୋଇଥିଲେ ସୁନ୍ଦର ଲାଗିଥାଏ । ସଫା କରିବାରେ ସହଜ ହୁଏ ।








## ଜାଣନ୍ତି କି ?

√ ଯେଉଁ କିଶୋର-କିଶୋରୀମାନେ କାଫେନ୍‌ଯୁକ୍ତ ପାନୀୟ ଅଧିକ ପିଅନ୍ତି, ସେମାନେ ଯୁବାବସ୍ଥାରେ ଅଷ୍ଟିଓପୋରୋସିସ୍ ଭୋଗିବାର ଆଶଙ୍କା ଅଧିକ । ଶରୀରର ଉପର ଭାଗର ଓଜନ ବଢ଼ିବା, ଅତ୍ୟଧିକ ସୁରାପାନ, ତମାଖୁ ସେବନ, ସୂର୍ଯ୍ୟ କିରଣରେ ଅଧିକ ଚଳ-ପ୍ରଚଳ ମଧ୍ୟ ଯୁବାବସ୍ଥାରେ ଏହି ଆଣ୍ଠୁ ରୋଗର ମୁଖ୍ୟ କାରଣ ।

√ ଯେଉଁମାନଙ୍କ ଘରେ ଛୋଟ ପିଲାମାନେ ସେକେଣ୍ଡହ୍ୟାଣ୍ଡ୍ ଧୂଳ ସଂସ୍ପର୍ଶରେ ଆସନ୍ତି, ସେମାନେ ଦନ୍ତ ଜନିତ ସମସ୍ୟା ଭୋଗିବାରେ ଆଶଙ୍କା ଅଧିକ । ସାଧାରଣତଃ, ଘରେ କେହି ବିଡ଼ି ବା ସିଗାରେଟ୍ ଟାଣୁଥିଲେ, ପିଲା ଏଭଳି ମାରାତ୍ମକ ଧୂଆଁ ସଂସ୍ପର୍ଶରେ ଆସି, ଭୋଗନ୍ତି । ସଂପ୍ରତି ବିଶ୍ୱରେ ପ୍ରତି ଦଶ ଜଣରେ ଚାରି ଜଣ ଶିଶୁ, ସିଗାରେଟ୍ ଧୂମ ସଂସ୍ପର୍ଶରେ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅକାଳରେ ଦନ୍ତର ବିଭିନ୍ନ ସମସ୍ୟା ଭୋଗୁଥିବା ଏକ ଅଧ୍ୟୟନ ସୂତ୍ରରୁ ପ୍ରକାଶ ।

√ ଶରୀରର ବୃଦ୍ଧି ନିମନ୍ତେ ବଜାରରେ ଅନେକ ପକାରର ବଟିକା, ପାଉଡର୍ ମିଳୁଛି । ମନେରଖନ୍ତୁ, ଏଗୁଡ଼ିକ ମୁଖ୍ୟତଃ ପ୍ରତିଦିନ କଠିନ ବ୍ୟାୟାମ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ଅନ୍ୟମାନେ ଏସବୁ ଖାଇଲେ, ମୁଣ୍ଡବିନ୍ଧା, ହଇଜା ହୋଇପାରେ; ରକ୍ତ ଚାପ ବଢ଼ିପାରେ; ସ୍ନାୟୁବିକ ବିକାର ଘଟିପାରେ; କେଶ ଉପୁଡ଼ିପାରେ; ରକ୍ତରେ ବିଷାକ୍ତ ରାସାୟନିକ ପଦାର୍ଥର ପରିମାଣ ବଢ଼ିପାରେ ।

## ଘିଅରୁ ପାଆନ୍ତୁ ପ୍ରାକୃତିକ ଉପଚାର

ଘିଅ ପ୍ରାୟତଃ ପ୍ରତ୍ୟେକଙ୍କ ଘରେ ଖୁବ୍ ସହଜରେ ମିଳିଯିବ । ଘିଅରେ ଆବଶ୍ୟକୀୟ ସମସ୍ତ ପ୍ରକାରର ପୋଷକ ତତ୍ତ୍ୱ ଭିର ରହିଛି । ଏହାଛଡ଼ା ଘିଅ ସ୍ୱାସ୍ଥ୍ୟ ଲାଗି ମଧ୍ୟ ବହୁତ ଉପକାରୀ ହୋଇଥାଏ । ବହୁତ୍ କମ୍ ଲୋକ ଜାଣିଥାନ୍ତି ଯେ, ଘିଅ ତ୍ୱଚା ପାଇଁ ବହୁତ୍ ଲାଭକାରୀ ଅଟେ । ଆର୍ୟୁବେଦରେ ଘିଅକୁ ଔଷଧୀୟ ରୂପେ ବ୍ୟବହାର କରାଯାଇଥାଏ । ଘିଅକୁ ତ୍ୱଚାରେ ଚମକ୍ ଆଣିବା ମଧ୍ୟ ବ୍ୟବହାର କରାଯାଏ । ତେବେ ଚାଲନ୍ତୁ ଏସମ୍ବନ୍ଧୀୟ କିଛି ଟିପ୍ସ ଜାଣିବା ।



ଘିଅରୁ ପ୍ରସ୍ତୁତ କରନ୍ତୁ ମଶ୍ଚୋରାଇଜିଂ କ୍ରିମ୍:
ଘିଅରୁ ପ୍ରସ୍ତୁତ ମଶ୍ଚୋରାଇଜର୍ କ୍ରିମ୍ ତ୍ୱଚା ପାଇଁ ବେଶ୍ ଲାଭପ୍ରଦ । ଅଟେ । ଘିଅ ତ୍ୱଚାକୁ ହାଇଡ୍ରେଟ୍ ଏବଂ ସୁନ୍ଦର ମଧ୍ୟ ବନାଇଥାଏ । ଯଦ୍ୱାରା ତ୍ୱଚାରେ ଚମକ୍ ଆସିଥାଏ । ତ୍ୱଚାକୁ କୋମଳ କରିବା ଲାଗି କଞ୍ଚା କ୍ଷୀର ଏବଂ ବେସନ୍‌ର ପୋଷ୍ଟରେ ଅଳ୍ପ ଘିଅ ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ ଧିରେ ଧିରେ ମାଲିସ୍ କରନ୍ତୁ । ୧୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

ଓଠ ଫାଟୁଥିଲେ:
ଥଣ୍ଡା ଦିନେ ପ୍ରତ୍ୟେକଙ୍କ ଓଠ ଫାଟିବା ସମସ୍ୟା ଦେଖାଦେଇଥାଏ । ଓଠକୁ ମୁଲାୟମ୍ ରଖିବାରେ ଏହା ବେଶ୍ ଉପକାରରେ ଆସିଥାଏ । ଶୋଇବା ପୂର୍ବରୁ ଓଠରେ ଅଳ୍ପ ମାତ୍ରାରେ ଘିଅ ଲଗାଇ କିଛି ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ । କିଛି ସମୟ ରଖିବା ପରେ ଏହାକୁ ଧୋଇ ଦିଅନ୍ତୁ ।




କେଶ ମୁଲାୟମ ପାଇଁ:
ଆଦ୍ରତା ଯୋଗୁଁ କେଶ ଝଡ଼ିବା ସମସ୍ୟା ଉପୁଜେ । ଥଣ୍ଡା ଦିନେ ଏହି ସମସ୍ୟା ଅଧିକ ବଢ଼ିଯାଇଥାଏ । ଘିଅରେ ଫ୍ୟାଟି ଏସିଡ୍ ରହିଛି ଯାହା କେଶକୁ କୋମଳ ଏବଂ ସୁସ୍ଥ ରଖେ । ଘିଅ କେଶ ପାଇଁ ପ୍ରାକୃତିକ କଣ୍ଡିସ୍‌ନର୍ ଭଳି କାମ କରିଥାଏ । ଏକ ଚାମଚ ଘିଅକୁ ଗରମ କରି ଏହାକୁ କେଶରେ ମସାଜ କରନ୍ତୁ ଏବଂ ଦୁଇ ଘଣ୍ଟା ପରେ କେଶକୁ ଧୋଇ ଦିଅନ୍ତୁ ।

ତ୍ୱଚାକୁ ସୁନ୍ଦର ରଖିଥାଏ:
ଘିଅକୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୀଘ୍ର ଲୋଚାକୋଚା ହୁଏ ନାହିଁ । ଏଭଳି ସମସ୍ୟାରୁ ମୁକ୍ତି ପାଇଁ କିଛି ଟୋପା ଘିଅ ନେଇ ତ୍ୱଚାରେ ମାଲିସ୍ କରନ୍ତୁ ଏବଂ କିଛି ମିନିଟ ପରେ ଏହାକୁ ଧୋଇ ଦିଅନ୍ତୁ । କିଛି ଦିନ ପରେ ତ୍ୱଚାରେ ଫରକ ଆପଣ ଜାଣିପାରିବେ ।

## ଆୟୁଷ ମନ୍ତ୍ରଣାଳୟ କହିଲା କାଢ଼ା ଶରୀରକୁ କ୍ଷତି ପହଞ୍ଚାଏ ନାହିଁ

କରୋନା ସଂକ୍ରମଣ ସମ୍ଭାବନାକୁ ଦୂରେଇ ରହିବା ପାଇଁ ଲୋକେ ଏବେ କାଢ଼ା ପିଇବା ଉପରେ ଗୁରୁତ୍ୱ ଦେଉଛନ୍ତି । ତେବେ ସାମାଜିକ ଗଣମାଧ୍ୟମରେ କାଢ଼ା ଶରୀର ଉପରେ କ୍ଷତି ପହଞ୍ଚାଉଛି ବୋଲି ଖବର ଭାଇରାଲ ହେଉଛି । ଏହାକୁ ଦୃଷ୍ଟିରେ ରଖି ଆଗକୁ ଆସିଛି ଆୟୁଷ ମନ୍ତ୍ରଣାଳୟ । ସାମାଜିକ ଗଣମାଧ୍ୟମରେ ଯେଉଁ ଚର୍ଚ୍ଚା ହେଉଛି ତାହା ଉପରେ ବିରାମ ଲଗାଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, କାଢ଼ା ଶରୀରକୁ କୌଣସି ପ୍ରକାରେ କ୍ଷତି କରିନଥାଏ । ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, କାଢ଼ା ଶରୀରକୁ ସୁସ୍ଥ ଏବଂ ନିରୋଗ ରଖିଥାଏ । ଏହାକୁ ଜୀବନବ୍ୟାପୀ ପିଆଯାଇପାରେ । ଯଦି କୌଣସି ବ୍ୟକ୍ତିଙ୍କୁ କାଢ଼ା ପିଇବା ଦ୍ୱାରା କ୍ଷତି ହେଉଛି କିମ୍ବା ତାଙ୍କର ଲିଭର ସମସ୍ୟା ହେଉଛି ତେବେ ଏହା ନିର୍ଭର କରୁଛି କାଢ଼ା ତିଆରି ପାଇଁ ଆମେ କ'ଣ କ'ଣ କେତେ ମାତ୍ରାରେ ବ୍ୟବହାର କରୁଛେ । ମନ୍ତ୍ରଣାଳୟ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ କାଢ଼ା, ହଳଦୀଯୁକ୍ତ କ୍ଷୀର, ତୁଳସୀ ଚା', ଅଦା, ମହୁ, ଲବଙ୍ଗ, ଇତ୍ୟାଦିର ବ୍ୟବହାର ପାଇଁ ପ୍ରସ୍ତାବ ଦେଇଛି । ଏହିସବୁ ଆୟୁର୍ବେଦିକ ସମଗ୍ରୀ ଶରୀରକୁ ସୁସ୍ଥ ରଖିବା ସହ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ ।







## ଦାୟିତ୍ୱବାନ୍ ସୈଫ୍



ନବାବ୍ ସୈଫ୍ ଅଲୀ ଖାନ୍ ନିକଟରେ ଏକ ସାକ୍ଷାତକାର୍‌ରେ କହିଛନ୍ତି, ୩ ପିଲାଙ୍କ ପାଇଁ ସେ ଅଧିକାଂଶ ସମୟ ଚିନ୍ତିତ ରହିଥାନ୍ତି । ବଡ଼ ଝିଅ ସାରାଙ୍କୁ ନେଇ କିଛିଦିନ ତଳେ ବିବାଦ ତେଜିଥିଲା । ଏ ବାବଦରେ ସୈଫ୍ ନିରବ ରହିଥିଲେ । ଭଡ଼ା ଖବର ମଧ୍ୟ ଶୁଣିବାକୁ ମିଳିଥିଲା ଯେ ସାରାଙ୍କ ଡ୍ରଗ୍ସ ଲିଙ୍କ୍ ଖବରରେ ସୈଫ୍ ଖୁବ୍ ବିରକ୍ତ ହୋଇଥିଲେ । ଏସବୁ ବାଦ୍ ଆଢୁଆଳରେ ରହି ସେ ପ୍ରତ୍ୟେକ ତଥ୍ୟ ତଦାରଖ କରିଥିବାର ପଟୌଦି ପରିବାରର ଜନୈକ ସଦସ୍ୟ ପ୍ରକାଶ କରିଛନ୍ତି । ସୈଫ୍‌ଙ୍କ କହିବାନୁସାରେ, ୩ ପିଲାଙ୍କ ସ୍ଥାନ ତାଙ୍କ ହୃଦୟରେ ବେଶ୍ ସ୍ୱତନ୍ତ୍ର । ଝିଅ ସାରା ପାଇଁ ସେ ବ୍ୟତିବ୍ୟସ୍ତ ହେଲାବେଳେ ଅନ୍ୟ କୌଣସି କଥାକୁ ଗୁରୁତ୍ୱ ଦେଇପାରନ୍ତିନାହିଁ । ଜଣେ ଅଭିନେତା ଭାବେ ସେ ଭଲଭାବେ ଜାଣନ୍ତି ସୁଟିଂ ପାଇଁ ଅନେକ ସମୟରେ ନେଟୱାର୍କ ନଥିବା ସ୍ଥାନରେ କାମ କରିବାକୁ ପଡ଼େ । ହେଲେ ସାରା ଯେତେବେଳେ ଏଭଳି କୌଣସି ସ୍ଥାନକୁ ସୁଟିଂ ପାଇଁ ଯାଇଥାନ୍ତି, ସୈଫ୍ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି । ପୁଅ ଇବ୍ରାହିମ୍ କ୍ରିକେଟ୍‌ରେ ରୁଚି ରଖିଥିବାବେଳେ ତୈମୁରଙ୍କ ଦୁଷ୍ଟାମିରେ ଦିନ-ରାତି କିଭଳି ଅତିବାହିତ ହେଉଛି, ସେ ଜାଣିପାରୁନାହାନ୍ତି, ବୋଲି ହସିହସି କହିଛନ୍ତି । ନିଜ ଆଗାମୀ ୱେବ୍ ସିରିଜ୍ କାମ ପାଇଁ ସୈଫ୍ ବେଙ୍ଗାଲୁରୁ ଯିବାର ଯୋଜନା ରହିଛି ।

## ରାଜସ୍ଥାନି ବାଟି



ରାଜସ୍ଥାନର ସବୁଠୁ ଲୋକପ୍ରିୟ ପାରମ୍ପରିକ ଖାଦ୍ୟ ମଧ୍ୟରେ ଅନ୍ୟତମ ବାଟି । ରାଜସ୍ଥାନ ଗଲେ ଯେଉଁଠି ଖୋଜିବେ ସେଠି ପାଇଯିବେ ଦାଲ୍, ବାଟି, ଚୁରମା । ଏକତ୍ର ଏହି ତିନୋଟି ଖାଦ୍ୟ ଖିଆଯାଇଥାଏ । ତେବେ ବାଟି ତିଆରି କରିବା ସେତେ ସହଜ ନୁହେଁ ଯେତିକି ଏହା ଲାଗିଥାଏ । ରାଜସ୍ଥାନ ବ୍ୟତୀତ ଗୁଜୁରାଟ ଏବଂ ମଧ୍ୟପ୍ରଦେଶର କେତେକ ଅଞ୍ଚଳରେ ଏହା ପ୍ରସ୍ତୁତ ହୋଇଥାଏ । ଏହା ପୌଷ୍ଟିକ ତତ୍ତ୍ୱରେ ଭରପୂର । ରାଜସ୍ଥାନର ମରୁ ଅଞ୍ଚଳ ବିଶେଷ କରି ଯେଉଁଠାରେ ପାଣିର ଅଭାବ ଟିକେ ଅଧିକ ସେସବୁ ଅଞ୍ଚଳରେ ବାଟି ଅଧିକ ପ୍ରସ୍ତୁତ ହୋଇଥାଏ । କାରଣ ଡାଲ, ବାଟି, ଚୁରମା ପ୍ରସ୍ତୁତିରେ ପାଣିର ବ୍ୟବହାର ଅପେକ୍ଷାକୃତ କମ୍ ହୋଇଥାଏ । ରାଜସ୍ଥାନ ଓ ଗୁଜୁରାଟରେ ଲୋକମାନେ ବାଟିକୁ ଡାଲ୍ (ଡାଲି) ସହିତ ଖାଉଥିବାରୁ ସାଧାରଣତଃ ଡାଲ୍-ବାଟି କୁହାଯାଇଥାଏ । ତେବେ ମଧ୍ୟପ୍ରଦେଶରେ ଲୋକମାନେ ବାଇଗଣ ଭର୍ତ୍ତା ସହିତ ବାଟି ଖାଇଥାଆନ୍ତି । ବିହାର ଓ ଝାରଖଣ୍ଡରେ ଯେମିତି ଲିଟି ପ୍ରସ୍ତୁତ ହୋଇଥାଏ ରାଜସ୍ଥାନି ବାଟିର ପ୍ରସ୍ତୁତି ଶୈଳୀ ମଧ୍ୟ କେତେକାଂଶରେ ସମାନ । ତେବେ ସ୍ୱାଦରେ ଲିଟି ଓ ବାଟିରେ ଅନେକ ଭିନ୍ନତା ଅଛି । ରାଜସ୍ଥାନି ବାଟି ସହିତ ରସୁଣ ଆଚାର ବା ଲହସୁନ କି ଚଟନି ମଧ୍ୟ ଏକ ଲୋକପ୍ରିୟ କମ୍ବିନେସନ୍ । ବାଟି ପ୍ରସ୍ତୁତ କରିବାର ମୁଖ୍ୟ ଉପାଦାନ ହେଉଛି ଅଟା । ତେବେ ଆସନ୍ତୁ ଜାଣିବା ପାରମ୍ପରିକ ବାଟି କିପରି ପ୍ରସ୍ତୁତ କରାଯାଏ ।

**ପ୍ରସ୍ତୁତି :**
ବାଟି ପ୍ରସ୍ତୁତି ପାଇଁ ୫୦୦ ଗ୍ରାମ ଅଟା, ଅଟାରେ ଗୋଳାଇବା ପାଇଁ ୧ ବଡ଼ ଚାମଚ ରିଫାଇନ୍ ତେଲ, ଘିଅ ୧୫୦ ଗ୍ରାମ, ଜୀରା ୧ ଛୋଟ ଚାମଚ, ଜିଆଣି ୧ ଛୋଟ ଚାମଚ, ଛୋଟ ଗିନାରେ ଅଧ ଗିନା ଦହି, ସ୍ୱାଦ ଅନୁସାରେ ଲୁଣ, ସାମାନ୍ୟ ଖାଇବା ସୋଡ଼ା । ପ୍ରଥମେ ଅଟାରେ ଦହିକୁ ବାଦ୍ ଦେଇ ସବୁ ଜିନିଷ ଭଲ କରି ମିଶାଇ ଦେବେ । ଏହାପରେ ଦହି ମିଶାଇ ଧୀରେ ଧୀରେ ଚକଟିବେ । ଏହାପରେ ଅଳ୍ପ ଅଳ୍ପ ପାଣି ଦେଇ ଚକଟିବେ । ଟାଣ କରି ଚକଟିବେ । ଏହାପରେ ଅଟାରୁ ଛୋଟ ଛୋଟ ଗୁଳା ଛିଣ୍ଡାଇ ଠିକ୍ ଛୋଟ ଛୋଟ ବଲ୍ ପରି ଗଢ଼ି ମଝିରୁ ଟିକେ ଫୁଟାଇ ଦେବେ । ଏହାପରେ ସେହି ଗୁଳାଗୁଡ଼ିକରେ ଟିକେ ଟିକେ ଘିଅ ମାରି ମାଇକ୍ରୋୱେଭ୍‌ରେ ବେକ୍ କରିନେବେ । ଯଦି ଆପଣଙ୍କ ପାଖରେ ମାଇକ୍ରୋୱେଭ ନାହିଁ ତେବେ ଆପଣ ଚାହିଁଲେ ଏହାକୁ ପ୍ରେସରକୁକର୍‌ରେ ବି କରିପାରିବେ । ପ୍ରେସରକୁକର୍‌ରେ ପାଣି ନ ଦେଇ ଏକ ଛୋଟ ଜାଲି ଷ୍ଟାଣ୍ଡ ରଖି ତାହା ଉପରେ ଛୋଟ ଥାଳିଆ ଭଳି ରଖିପାରିବେ । ସେହି ଥାଳିଆରେ ଟିକେ ରିଫାଇନ୍ ତେଲ କି ଘିଅ ମାରି ବାଟି ଗୁଡ଼ିକୁ ରଖି ପ୍ରେସରର ଢାଙ୍କୁଣି ବନ୍ଦ କରିବେ । ଢାଙ୍କୁଣି ଉପରୁ ହ୍ୱିସିଲ୍ କାଢ଼ି ଦେଇଥିବେ । ୧୦ ମିନିଟ୍ ମଧ୍ୟରେ ବାଟି ପ୍ରସ୍ତୁତ ହୋଇଯିବ । ଯଦି ଦେଖନ୍ତି ବାଟି ଗୁଡ଼ିକ ଟିକେ ଫାଟିଗଲା ଭଳି ହୋଇଛି ତେବେ ଜାଣିବେ ଆପଣଙ୍କ ବାଟି ଖାଇବା ପାଇଁ ଏକଦମ୍ ପ୍ରସ୍ତୁତ । ଏହାକୁ ଆପଣ ବହଳିଆ ଡାଲି କିମ୍ବା ଚଟଣି, ଆଳୁ କି ବାଇଗଣ ଭର୍ତ୍ତା ସହିତ ଖାଇପାରିବେ । ଏଥିରେ ଭରପୂର ମାତ୍ରାରେ ପୋଷକ ତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୧୪ ଅକ୍ଟୋବର ୨୦୨୦, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଶାନ୍ତି ଆଲୋଚନା ସମ୍ଭବ...

ଆଫଗାନିସ୍ତାନର ଜାତୀୟ ଆପୋଷ ଆଲୋଚନା ସଂକ୍ରାନ୍ତ ଉଚ୍ଚତମ ପରିଷଦର ଅଧ୍ୟକ୍ଷ ଅବଦୁଲ୍ଲା ଅବଦୁଲ୍ଲା ତାଙ୍କର ନୂଆଦିଲ୍ଲୀ ଗସ୍ତ ସମାପ୍ତ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଗସ୍ତ ଆଫଗାନିସ୍ତାନ ଶାନ୍ତି ଆଲୋଚନା ପରିପ୍ରେକ୍ଷୀରେ ବିଶେଷ ମହତ୍ତ୍ୱ ବହନ କରିବା ପରି ପ୍ରତୀୟମାନ ହୁଏ । ଡକ୍ଟର ଅବଦୁଲ୍ଲା ତାଙ୍କର ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହିତ ଯେଉଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି ସେଥିରେ ଭାରତ ନିଜର ଆଫଗାନିସ୍ତାନ ସଂପର୍କିତ ଆଭିମୁଖ୍ୟ ବଦଳାଇବାର ସୂଚନା ମିଳେ । ତାହା ହେଲା ଦୋହାଠାରେ ଚାଲିଥିବା ଆଫଗାନି ସରକାର ଏବଂ ତାଲିବାନ ଉଗ୍ରବାଦୀ ଗୋଷ୍ଠୀଙ୍କ ଶାନ୍ତି ଆଲୋଚନାକୁ ଭାରତର ସମର୍ଥନ ଜ୍ଞାପନ । ଏପର୍ଯ୍ୟନ୍ତ ଏକାଧିକ ପର୍ଯ୍ୟାୟରେ ଅନୁଷ୍ଠିତ ଆଲୋଚନା ପ୍ରତି ଭାରତ ପୋଷଣ କରିଆସିଥିବା ଆଭିମୁଖ୍ୟଟି ଥିଲା ଯେ, ଯେହେତୁ ତାଲିବାନ ଉଗ୍ରବାଦୀ ଗୋଷ୍ଠୀ ନାନା ପ୍ରକାର ଆତଙ୍କବାଦୀ କାଣ୍ଡରେ ଲିପ୍ତ ଏବଂ ସେମାନଙ୍କୁ ପାକିସ୍ତାନର ହକାନୀ ଗୋଷ୍ଠୀ ଏବଂ ସେ ଦେଶ ସରକାରଙ୍କଠାରୁ ପ୍ରଚ୍ଛନ୍ନ ସହାୟତା ମିଳିଆସୁଛି, ସେହି ଦୃଷ୍ଟିରୁ ତାଲିବାନ ଗୋଷ୍ଠୀଙ୍କୁ ଭାରତ କଦାପି ସିଧାସଳଖ ସମର୍ଥନ କରିପାରିବନାହିଁ । ଯେହେତୁ ଆଫଗାନିସ୍ତାନର ପୁନର୍ଗଠନ ଓ ବିକାଶ ପ୍ରକ୍ରିୟାରେ ଭାରତ ବିଭିନ୍ନ ସ୍ତରରେ ଏବଂ ପର୍ଯ୍ୟାୟରେ ଦ୍ୱିପାକ୍ଷିକ ସହଯୋଗରେ ନିୟୋଜିତ ରହିଛି, ତାଲିବାନ ଗୋଷ୍ଠୀଙ୍କ ସହ ଆଲୋଚନା କରିବାକୁ ଅରାଜି ହେବା ସ୍ୱାଭାବିକ । ଅତୀତରେ ଇଣ୍ଡିଆନ ଏୟାର ଲାଇନ୍ସ ବିମାନକୁ କାନ୍ଦାହାରକୁ ଅପହରଣ କରିନେବା ଏବଂ ପାକିସ୍ତାନର ପ୍ରଚ୍ଛନ୍ନ ଇଙ୍ଗିତରେ କେତେକ ଦୁର୍ଦ୍ଧର୍ଷ ଉଗ୍ରବାଦୀଙ୍କୁ ମୁକ୍ତ କରିବା ସକାଶେ ଭାରତକୁ ବାଧ କରିବା ଭଳି ସ୍ମୃତି ନୂଆଦିଲ୍ଲୀର ସ୍ମୃତିରୁ ଏପର୍ଯ୍ୟନ୍ତ ଲିଭିନାହିଁ । କିନ୍ତୁ ପରିବର୍ତ୍ତିତ ପରିସ୍ଥିତି ଏବେ ସମସ୍ତ ଦୃଶ୍ୟପଟ୍ଟକୁ ଓଲଟପାଲଟ କରିଦେଇଛି । ଯେଉଁ ଆମେରିକା ଦୀର୍ଘ ୧୯ବର୍ଷ ଧରି ତାଲିବାନ ଗୋଷ୍ଠୀଙ୍କ ସହ ଆଫଗାନିସ୍ତାନରେ ଯୁଦ୍ଧ କରିଆସୁଥିଲା ଏବେ ସେମାନେ ଶାନ୍ତି ଆଲୋଚନାର ମୁଖ୍ୟ ପୃଷ୍ଠପୋଷକ ସାଜିଛନ୍ତି । ପାକିସ୍ତାନ ମଧ୍ୟ ପର୍ଦ୍ଦା ପଛରେ ରହି ଦୋହାଠାରେ ଚାଲିଥିବା ଶାନ୍ତି ଆଲୋଚନାର ପ୍ରମୁଖ ଯୋଗାଡ଼ିଆ ସାଜିଛି । ଯେହେତୁ ଆମେରିକା ଆଫଗାନିସ୍ତାନରୁ ଯଥାଶୀଘ୍ର ତା'ର ସେନା ଅପସାରଣ ପାଇଁ ଆଗ୍ରହୀ, ରାଷ୍ଟ୍ରପତି ଟ୍ରମ୍ପ୍ ଏହାକୁ କାର୍ଯ୍ୟକାରୀ କରିବା ଲାଗି ବଦ୍ଧପରିକର । ତେଣୁ ଯେକୌଣସିମତେ ଆଫଗାନିସ୍ତାନ ସରକାର ଏବଂ ତାଲିବାନ ଗୋଷ୍ଠୀଙ୍କୁ ଏକା ଘାଟରେ ପାଣି ପିଆଇ ସେଠାରୁ ପ୍ରସ୍ଥାନ କରିବା ଏବେ ମାର୍କିନ ଏଜେଣ୍ଡାର ପ୍ରଥମ କାର୍ଯ୍ୟ । ସେପରି ସ୍ଥଳରେ ଭାରତ ନିଜ ଜିଦ୍‌ରେ ଅଟଳ ରହିଲେ କେବଳ ନିଜକୁ ଏକଘରିକିଆ କରିବନାହିଁ, ଅପରନ୍ତୁ ଭବିଷ୍ୟତରେ ଆଫଗାନିସ୍ତାନ ରାଜନୀତି ଯେଉଁ ରୂପ ନେବାକୁ ଯାଉଛି ସେଥିରେ ମଧ୍ୟ ଅଗ୍ରହଣୀୟ ହୋଇପାରେ । କାରଣ ଶାନ୍ତି ଆଲୋଚନାର ଫଳାଫଳ ଯାହା ହେଉନା କାହିଁକି, ତାଲିବାନ ଗୋଷ୍ଠୀ କ୍ଷମତାକୁ ଫେରିବା ପ୍ରାୟ ଜଳଜଳ ହୋଇ ଦିଶୁଛି । ଯଦି ତାହା ବାସ୍ତବତାର ରୂପ ନିଏ ତେବେ ଆଫଗାନିସ୍ତାନର ପୁନର୍ଗଠନ ସକାଶେ ଭାରତ ନିଶ୍ଚିତ ରୂପେ ସେମାନଙ୍କ ସହଯୋଗ ଲୋଡ଼ିବ । ତାଲିବାନ ଗୋଷ୍ଠୀ ମୂଳରୁ ଭାରତ ବିରୋଧୀ । କାରଣ, ସେମାନେ ପାକିସ୍ତାନ ଏବଂ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀଙ୍କ ଦ୍ୱାରା ପ୍ରଭାବିତ । ତେଣୁ ଏବେଠାରୁ ଶାନ୍ତି ଆଲୋଚନାକୁ ସମର୍ଥନ ଏବଂ ତାଲିବାନଙ୍କ କଥାବାର୍ତ୍ତାକୁ ପ୍ରତ୍ୟକ୍ଷ ଭାବେ ନହେଲେ ସୁଦ୍ଧା ପରୋକ୍ଷ ଭାବେ ନିରବଦ୍ରଷ୍ଟା ସାଜି ସହଯୋଗ କରିବା ବିଜ୍ଞତାର ପରିଚୟ ହେବ । ଯେଉଁ ଆଫଗାନ ନେତାମାନେ ଇତିପୂର୍ବରୁ ତାଲିବାନକୁ ଏବଂ ପାକିସ୍ତାନକୁ ଦୋଷାରୋପ କରୁଥିଲେ ସେମାନେ ଏବେ ସାଲିସ କରିସାରିଛନ୍ତି । ଅବଦୁଲ୍ଲା ଅବଦୁଲ୍ଲା ଭାରତର ଜଣେ ପରମ ସମର୍ଥକ ଏବଂ ଦିଲ୍ଲୀ ସହିତ ତାଙ୍କର ଛାତ୍ରଜୀବନରୁ ସମ୍ପର୍କ ରହିଆସିଛି । ତେଣୁ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଘଟାଇ ଶାନ୍ତି ଆଲୋଚନାରେ ସହାଯୋଗ କରିବା ନିମନ୍ତେ ସେ ଭାରତୀୟ ନେତୃବର୍ଗଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ଭାରତଠାରୁ ସେ ସହଯୋଗର ପରୋକ୍ଷ ପ୍ରତିଶ୍ରୁତି ମଧ୍ୟ ହାସଲ କରିବା ତାଙ୍କ ନୂଆଦିଲ୍ଲୀ ଗସ୍ତର ସଫଳତାକୁ ସୂଚାଏ । ଆଫଗାନିସ୍ତାନରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କେବଳ ସେ ଦେଶପାଇଁ ନୁହେଁ ସମଗ୍ର ଏସୀୟ କ୍ଷେତ୍ର ପାଇଁ ଏକାନ୍ତ ଜରୁରୀ । ତେବେ କେବଳ ତାଲିବାନ ନୁଅନ୍ତି, ସେମାନଙ୍କ ସହ ଅନ୍ୟ ସଂଖ୍ୟକ ଉଗ୍ରବାଦୀ ଗୋଷ୍ଠୀ ଏବଂ ସେମାନଙ୍କ ଆଶ୍ରୟଦାତା ସାଜିଥିବା ପାକିସ୍ତାନକୁ କିଭଳି ନିୟନ୍ତ୍ରଣକୁ ଅଣାଯାଇପାରିବ ସେ ଉପାୟ ମଧ୍ୟ ଚିନ୍ତା କରାଯିବା ଉଚିତ ।

## ମାଆଙ୍କୁ ପଦେ...

କବିତା କୋଣାର୍କ

ଶ୍ରୀମତୀ ଚନ୍ଦନା ସାହୁ

କୁହ ମାଆ
କେବେ ହେବ ଆମର ଏ ପ୍ରତୀକ୍ଷାର ଅନ୍ତ,
କେବେ କରିବୁ ତୁମକୁ ଆମର ଏ ଧରାକୁ ସ୍ୱାଗତ ।
କେବେ ଆସିବ ଏ ଧରାରେ ତୁମର ସେ ପବିତ୍ରପାଦ,
କେବେ ଅଜାଡ଼ିବ ଆମ ଉପରେ ତୁମର ସେ ଆଶ୍ରୀର୍ବାଦ ।
ମାଆ
ଧରାପୃଷ୍ଠରେ ଆଜି ଚାଲିଛି ମହାମାରୀ କରୋନା ଉତ୍ପାତ,
ସମଗ୍ର ମାନବଜାତି ଆଜି ଭୟଭୀତ ଆତଙ୍କିତ ।
ତୁମ ଇସାରାରେ ପରା ଚାଲେ ଏ ଜଗତ,
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ସମସ୍ତପ୍ରାଣୀ ତୁମ ଆଜ୍ଞାରେ ହୁଅନ୍ତି ଆତଯାତ ।
୨୦୨୦ରେ ତୁମକୁ ଆମ ସମସ୍ତଙ୍କର ଏକ ଛୋଟ ଅନୁରୋଧ,
ମହିଷାସୁର ପରି କର ଏ କରୋନାସୁରର ବଧ ।
ମାଆ
ସ୍ୱର୍ଗ, ମର୍ତ୍ତ, ପାତାଳର ସମସ୍ତ ଶକ୍ତି ତୁମଠାରେ ନିହିତ,
ସର୍ବଦେବାଦେବୀଙ୍କ ସମସ୍ତ ଅସ୍ତ୍ରଶସ୍ତ୍ର ତୁମ ଦଶଭୂଜରେ ସଜ୍ଜିତ ।
ବିଶ୍ୱାସ ଆମର ତୁମ ଆବାହନେ ଏ ବିଶ୍ୱ ହେବ କରୋନାମୁକ୍ତ,
ବିଶ୍ୱବ୍ୟାପି ସମଗ୍ର ଜନତା ହୋଇବେ ସବଳ ସୁସ୍ଥ ।
ତୁମ ପାଦପଦ୍ମରେ ସଦା ଥାଉ ଆମ ଲୟ,
ତୁମ ଆଶୀର୍ବାଦେ କରୋନା ଲଢ଼େଇରେ ହେଉ ଆମର ଜୟ ।

+ ବନ୍ତଛକ, ଭଦ୍ରକ

## ସାହିତ୍ୟପ୍ରେମୀ ପ୍ରଶାନ୍ତ

ଡକ୍ଟର ଶ୍ରୀହରି ପଣ୍ଡା



ଯାତସ୍ୟ ହି ଧ୍ରୁବଃ ମୃତ୍ୟୁ । ଯିଏ ଜନ୍ମ ନେଇଛି ଦିନେ ତାକୁ ମୃତ୍ୟୁ ନେବାକୁ ପଡିବ । କିନ୍ତୁ ସେହି ଜନ୍ମସାର୍ଥକ ଯେଉଁମାନେ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପରର ଜୀବନକୁ ମଧୁମୟ କରି ଗଢି ତୋଳିବାରେ ଆନନ୍ଦ ଲାଭ କରିଥାନ୍ତି । ସେମାନେ ମରି ମଧ୍ୟ ଅମର ହୁଅନ୍ତି । ନିଜର ଯଶ ପାଇଁ ସେମାନେ ମୃତ୍ୟୁଞ୍ଜୟୀ ଅଖ୍ୟା ପାଇଥାନ୍ତି । ସେହିଭଳି ଜଣେ ଅସୀମିତ ପ୍ରଜ୍ଞା,ମଣିଷକୁ ଭଲ ପାଇବାର ଅକୃତ୍ରିମ ହୃଦୟ,ଗାଁ ରୁ ସହର ପର୍ଯ୍ୟନ୍ତ ସମସ୍ତକୁ ଆପଣାର କରିପାରୁଥିବା ବ୍ୟକ୍ତି ଥିଲେ ସାହିତ୍ୟପ୍ରେମୀ ପ୍ରଶାନ୍ତ । ସେ ଥିଲେ ଓଡିଆ ଚେତନାର ଉତ୍ସ ଓ ଜାଗରଣର ସ୍ଫୁଲିଙ୍ଗ । ଭାଷା ପ୍ରୀତି ସୃଷ୍ଟି କରିବାରେ ତାଙ୍କ ଭୂମିକା ସର୍ବଦା ସ୍ମରଣୀୟ । ଏହି ଅନୁକରଣୀୟ ବ୍ୟକ୍ତିତ୍ୱ ସରଳ, ନିରହଙ୍କାରୀ, ନିରଳସ, ନିଷ୍ଠାବାନ, ନୀତି ସମ୍ପନ୍ନ, ନିଷ୍ପାପ, ପ୍ରଚଣ୍ଡ ବାଗ୍ମୀ, ପ୍ରବଚକ, ଗବେଷକ ଓ ଧୀଶକ୍ତି ସଂପନ୍ନ କର୍ମଚଞ୍ଚଳ ବ୍ୟକ୍ତି ଥିଲେ ଂ ଅଧ୍ୟାପକ ପ୍ରଶାନ୍ତ ବେହେରା । ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଖଲାଡ଼ି ଗ୍ରାମପଞ୍ଚାୟତର ନିପଟ ମଫସଲ ଗାଁ ସାନଖଲାଡିଠାରେ ପ୍ରଶାନ୍ତଙ୍କ ଜନ୍ମହୁଏ ୧୯୭୨ମସିହା ଜାନୁଆରୀ ୫ ତାରିଖରେ ପିତା ଶ୍ରୀକାନ୍ତ ବେହେରା ଏବଂ ମାତା ନୟନା ଦେବୀଙ୍କ ଗର୍ଭରୁ । ବାଲ୍ୟ ଶିକ୍ଷା ସମାପ୍ତ କରି ସେ ଦେବଭାଷା ସଂସ୍କୃତରେ ଉଚ୍ଚ ଶିକ୍ଷା ପ୍ରାପ୍ତ ହୁଅନ୍ତି । ସେଠାରୁ ଫେରି କପ୍ତିପଦା ମହାବିଦ୍ୟାଳୟ ନୂଆସାହିରେ ଅଧ୍ୟାପକ ଭାବରେ ଯୋଗ ଦିଅନ୍ତି ୧୯୯୪ ମସିହାରେ ।

ସେ ଯୋଗଦେବା ପୂର୍ବରୁ ସେହି ମହାବିଦ୍ୟାଳୟରେ ମୁଁ ମଧ୍ୟ ଯୋଗ ଦେଇସାରିଥିଲି ଅଧ୍ୟାପକ ଭାବରେ । ପୂର୍ବରୁ ଗାଁ ପାଖ ପିଲା ଭାବରେ ଚିହ୍ନାଜଣା ଥିଲେ ମଧ୍ୟ ସେଇଠୁ ଆରମ୍ଭ ହେଲା ନୂଆ ଏକ ପରିଚୟ ସହକର୍ମୀର । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ସେବେଠାରୁ ତା ନିକଟରେ ଥିବା ସୃଜନ କଳା ସେହିଠାରୁ ହିଁ ପରିପ୍ରକାଶ ପାଇଲା । ମାତ୍ର ୨୦୦ ଟଙ୍କା ଦରମାରେ ଚାକିରି କରିଥିବା ବେଳେ ସେ କିନ୍ତୁ ଏକ ଅସାଧାରଣ କାମ କରିବାକୁ ନିଷ୍ପତ୍ତି ନେଲା । ନିଜର ଜନ୍ମସ୍ଥାନ ଟାଙ୍ଗିରିଆ ଶକ୍ତିପୀଠରେ ମକର ମେଳା ଆୟୋଜନ କରିବା କିମ୍ବା ସାହିତ୍ୟିକ ସଭାର ଆୟୋଜନ ଅନ୍ତରାଳରେ ନିଜର ସଂଗଠନ ପ୍ରୀତିର ପରିଚୟ । ମା ଟାଙ୍ଗିରିଆଙ୍କର କୃପା ବୋଧେ ତାଙ୍କ ଉପରେ ଥିଲା, ସେହିଠାରୁ ଆରମ୍ଭ ହୋଇଥିବା ତାଙ୍କର ଭିନ୍ନ ଜୀବନ କ୍ରମେ ତାଙ୍କୁ ସଂଗଠକ , ପ୍ରାବନ୍ଧିକ, କବି, ସାମ୍ବାଦିକ, ସ୍ତମ୍ଭକାର, ଗବେଷକ ଆଦି ନାମରେ ନାମିତ ହୋଇଗଲା । ବହୁ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସହିତ ଯୋଡିହୋଇ ସେ ପାଇଲେ ରାଶିରାଶି ସମ୍ମାନ, ଉପଢୌକନ ଓ ମାନପତ୍ର । ମାତ୍ର ଦିନ କେଇଟାରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । କିନ୍ତୁ ସମୟ ବୋଧେ ସହ୍ୟ କରିପାରିଲା ନାହିଁ, ହଠାତ ତାଙ୍କ ଦେହ ଅସୁସ୍ଥ ହେବା ସହିତ ତାଙ୍କର କିଡନୀ ନଷ୍ଟ ହୋଇଗଲା । ବିନା ଦରମାରେ ଏତେ ବଡ ରୋଗର ମୁକାବିଲା କରିବା ନେଇ ପ୍ରାୟ ଆମେ ସମସ୍ତେ ଆଶଙ୍କାରେ ଥିବାବେଳେ ଅପରାଜେୟ ବୀର ଯୋଦ୍ଧା ପ୍ରଶାନ୍ତ ସଫଳତାର ସହିତ କିଡନୀ ପ୍ରତିରୋପଣ କରି ୨୦୦୮ ମସିହାରେ ପୁଣି ଆମ ପାଖକୁ ଫେରିଆସିଲା । ହାରିବା କ'ଣ ସେ ଜୀବନର ଶିଖିନଥିଲା । ୨୦୧୨ମସିହାରେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀରୁ ତାଙ୍କର ପ୍ରଥମ ସମାଲୋଚନା ମୂଳକ ପୁସ୍ତକ 'ଚିନ୍ତାମଣି ସୃଷ୍ଟି ମାନସ'ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲଭେ । ଏହାର ସଫଳତାରେ ଉତ୍ସାହିତ ହୋଇ ସେ ଆଉ ପଛକୁ ଫେରି ଚାହାଁନ୍ତି ନାହିଁ 'ସୃଜନ ସମୀକ୍ଷା', 'ସମୀକ୍ଷା ସୌରଭ', 'ଅମୃତ ଅନ୍ୱେଷା', 'ଓଡିଆ ଭାଷା ଓ ଲୁଇପା', 'ଜନ ଜୀବନ ଓ ମକର ମିଳନ' ତାଙ୍କ ସୃଜନ ପ୍ରତିଭା ସ୍ୱାକ୍ଷର ବହନ କରେ । ସେ ଥିଲେ ମାଆ, ମାଟି ଓ



ମମତାର ମୁଗ୍ଧ ଉପାସକ । ସେ କୁହନ୍ତି "ମାଆ ମାଟି ଓ ମମତାର ପାଠ ଯେ ପଢିନାହିଁ ତାର ସବୁ ପାଠ ବ୍ୟର୍ଥ । ଭାଷାଟିଏ ଥିଲା ବୋଲି ତ ଭୂମିଟିଏ ପାଇଛୁ । ଭୂମିଟିଏ ଅଛି ବୋଲିତ କେତେ କେତେ ଭୂମିକା ନେଇଛୁ ।" ସେଥିପାଇଁ ମାଆ ମାଟିର ମୋହରେ ସେ ସଂକଳନ କରିଛନ୍ତି "ମାଟିମଲାଟରେ ମୟୂରଭଞ୍ଜ"। ସେ ଥିଲେ ସୁପ୍ତ ଇତିହାସକୁ ଜୀବନ୍ୟାସ ଦେବାରେ ସୁଯୋଗ୍ୟ ବିନ୍ଧାଣି । ତାଙ୍କରି ଭାଷାରେ "ନୂଆ ଇତିହାସ ଲେଖିବା ଅପେକ୍ଷା ସୁପ୍ତ ଇତିହାସକୁ ଜୀବନ୍ୟାସ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ପ୍ରତ୍ୟେକ ମାଟି ତାର ପ୍ରାଚୀନତାର ଗୌରବୋଜ୍ଜ୍ୱଳ ଅଥଚ ଅନାଲୋଚିତ ଇତିହାସର ସ୍ୱାକ୍ଷର ବହନ କରେ" । ଏଣୁ ସେ ମାଟିର ଗୌରବୋଜ୍ଜ୍ୱଳ ଇତିହାସର ସ୍ମୃତି ଚାରଣା ପୂର୍ବକ ପୁନଃ ସଂପାଦନା କରନ୍ତି "ବିରାଟବଂଶ" ଏବଂ ଓଡିଆ ଭାଷାର ପ୍ରଥମ ଉପନ୍ୟାସ ଉମେଶ ଚନ୍ଦ୍ର ସରକାରଙ୍କ "ପଦ୍ମମାଳୀ" । ଏତିକିରେ ସନ୍ତୁଷ୍ଟ ନଥିଲେ ସେ । ଜଣେ କୁଶଳୀ ସଂଗଠକ ଭାବରେ ସେ ଥିଲେ 'ଟାଙ୍ଗରାଣୁଣୀ ମକର ମିଳନ', 'ଲୁଇପା ମକର ମହୋତ୍ସବ' ଆଦିର ପ୍ରାଣପ୍ରତିଷ୍ଠାତା । ଏହା ଛଡା ଜିଲ୍ଲାରେ ଓ ଜିଲ୍ଲା ବାହାରେ ସମସ୍ତ ସାହିତ୍ୟ ସଂଗଠନର ସେଥିଲେ ସକ୍ରିୟ ସଦସ୍ୟ । ସମ୍ପାଦକ ଭାବରେ ସ୍ୱର୍ଣ୍ଣପ୍ରଭା, ଆଧ୍ୟାତ୍ମିକ ପତ୍ରିକା ମହାବାହୁ, ସହ-ସମ୍ପାଦକ ଭାବରେ ସମୟରଚକ୍ର, ଉଦଳା ମହୋତ୍ସବର ମୁଖପତ୍ର ଧୁମସା, ପୁନଶ୍ଚ ଉତ୍କଳ ପ୍ରଭା ଆଦି ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରୁଥିବା ବେଳେ ସମୀକ୍ଷକ ଭାବରେ ଧ୍ୱନିପ୍ରତିଧ୍ୱନୀ ଖବର କାଗଜରେ ସହସ୍ରାଧିକ ସମୀକ୍ଷା ତାଙ୍କୁ ଜନମାନସରେ ଚିର ଅମର କରିବ । ତାଙ୍କ ପ୍ରତିଭାର ମୂଲ୍ୟ ଆକଳନ କଲେ ବେଳ କି ବଳ ଅଣ୍ଟିବ ନାହିଁ । ଏହି କଥା କୁହା ସମୁଦ୍ରଟା ହଠାତ୍ ନୀରବି ଗଲା ୧୩/୧୦/୨୦୧୮ ରାତ୍ରିର ୨ଟ ୩୫ରେ ଆସିଥିବା ଭୟଙ୍କର ତୋଫାନରେ ସବୁଦିନ ପାଇଁ । ଆମ ସମସ୍ତଙ୍କ ନିକଟରୁ ଆମର ପ୍ରିୟ ପଙ୍କୁ ସବୁଦିନ ପାଇଁ ଛଡାଇନେଲା ।

ଏହା ଭିତରେ ଦୁଇବର୍ଷ ବିତିଗଲାଣି । ପ୍ରଶାନ୍ତ ଯେ ସମସ୍ତଙ୍କୁ ଛାଡ଼ି ଚାଲିଯାଇଛି ଅଫେରାଧାମକୁ ଆଉ କେବେ ପ୍ରତ୍ୟାବର୍ତ୍ତନ କରିବନି ଜାଣିଥିଲେ ବି ମନ ମାନିବାକୁ ପ୍ରସ୍ତୁତ ନୁହେଁ । କାରଣ ସେ ଆଜି ବି ଜୀବିତ ତାଙ୍କ ବନ୍ଧୁତ୍ୱ ପାଇଁ, ସାହିତ୍ୟ ପାଇଁ । ଯେଉଁଠି ବି ସଭାଟିଏ ହେଲେ କିଛି ନା କିଛି ରୂପରେ ତାଙ୍କର ସହଯୋଗ ଥିଲା । ସେ ବିନା ଦ୍ୱିଧାରେ ପହଞ୍ଚିଯାଇ ସଭାକୁ ସର୍ବାଙ୍ଗ ସୁନ୍ଦର କରିବାରେ ଲାଗିପଡୁଥିଲେ । ନିଜ ପାଇଁ, ପରିବାର ପାଇଁ ସେ ସମୟ ଦେଇନାହାନ୍ତି ବରଂ ସାହିତ୍ୟ ପାଇଁ ସେ ନିଜକୁ ମୃତ୍ୟୁ ମୁଖକୁ ଠେଲି ଦେଇ ପାଇଛନ୍ତି ପରମ ଆନନ୍ଦ । ଅସୁସ୍ଥତା ସତ୍ତ୍ୱେ ସେ ରହିଯାଇନଥିଲେ ବରଂ ରୋଗଶଯ୍ୟାରେ ପଡି ମଧ୍ୟ ସେ ଦେଖୁଥିଲେ ନିଜ ଅଞ୍ଚଳର ଅବଲୁପ୍ତ, ଅନାଲୋଚିତ ଗୌରବୋଜ୍ଜଳ ଇତିହାସର ପୁନରୁଦ୍ଧାର କିପରି ହେବ । ଧନ୍ୟ ସେ କର୍ମବୀର । ଆଜି ତାଙ୍କ ଅବର୍ତ୍ତମାନରେ କର୍ମଭୂମି କପ୍ତିପଦା ମହାବିଦ୍ୟାଳୟ ଏବଂ ତା'ର ସମସ୍ତ ଶିକ୍ଷକ କର୍ମଚାରୀ ସେହି ମାହାନ ଆତ୍ମାର ସ୍ମୃତି ଚାରଣ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା କରୁଛି ।

॥ ଓମ ଶାନ୍ତି ॥

+ ଗୌଡଗାଁ, କପ୍ତିପଦା, ମୟୂରଭଞ୍ଜ

## କର ଭାଇନା ଚାଲିଗଲେ...

ପ୍ରଦୀପ୍ତ ଆଚାର୍ଯ୍ୟ



କରୋନା ମହାମାରୀ, ଓଡିଶାର ଭାଗ୍ୟାକାଶରୁ ଗୋଟିଏ ଉଜ୍ଜ୍ୱଳ, ଦୀପ୍ତିମାନ ନକ୍ଷତ୍ର କୁ ନିର୍ବାପିତ କରିଦେଇଛି ସବୁଦିନ ପାଇଁ। ଜଣେ ସୁବକ୍ତା, ସୁଲେଖକ, ଦକ୍ଷ ରାଜନୀତିଜ୍ଞ ତଥା ସର୍ବୋପରି ଜଣେ ଦରଦୀ, ପରୋପକାରୀ, ସମ୍ବେଦନଶୀଳ ମଣିଷ ଶ୍ରୀଯୁକ୍ତ ଶରତ କୁମାର କର ଆଉ ଆମ ଗହଣରେ ନାହାନ୍ତି।୧୯୩୯ ମସିହା ସେପ୍ଟେମ୍ବର ମାସ ୫ତାରିଖରେ କଟକ ଜିଲ୍ଲାରେ ଜନ୍ମିତ ଶ୍ରୀଯୁକ୍ତ କର, ମର୍ଯ୍ୟାଦା ସମ୍ପନ୍ନ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ, ରାଜନୀତି ବିଜ୍ଞାନରେ ସ୍ନାତକୋତର ପାଠ୍ୟକ୍ରମ ଶେଷ କରିବା ପରେ, ୧୯୬୪ ମସିହାରେ ପ୍ରତ୍ୟକ୍ଷ ରାଜନୀତି ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ।ଆଲାହାବାଦ ବିଶ୍ୱବିଦ୍ୟାଳୟରେ ବିଦ୍ୟାଧ୍ୟୟନ ସମୟରେ, ସେ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଶାସ୍ତ୍ରୀଜୀ ତାଙ୍କୁ ରାଜନୀତି ରେ ଅଂଶ ଗ୍ରହଣ କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ।ତାପରେ ସେ ସର୍ବ ଭାରତୀୟ କଂଗ୍ରେସ ସଭାର ସଭ୍ୟ ପଦ ଗ୍ରହଣ କରି, ଶାସ୍ତ୍ରୀଜୀଙ୍କ ସମସ୍ତ ରାଜନୈତିକ ସଭାରେ ଯୋଗଦାନ କରିଥିଲେ।ତାଙ୍କରି ପରାମର୍ଶ ଅନୁସାରେ, ସେ ଓଡିଶାକୁ ଫେରି ବିଜୁ ପଟ୍ଟନାୟକଙ୍କୁ ଦେଖାକରି, ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ବିଶ୍ୱସ୍ତ ଅନୁଗାମୀ ହୋଇ ରହିଥିଲେ।୧୯୭୭ ମସିହାରେ ସେ କଟକ ଲୋକସଭା ଆସନରୁ ଜନତା ଦଳ ତରଫରୁ, କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ, ଷଷ୍ଠ ଲୋକସଭା ସାଂସଦ ରୂପେ ବିଜୟୀ ହୋଇ, ୧୯୮୦ ମସିହା ପର୍ଯ୍ୟନ୍ତ ସୁଚାରୁ ରୂପେ



କାର୍ଯ୍ୟ ନିର୍ବାହ କରିଥିଲେ। ଓଡିଶା ବିଧାନ ସଭା ପାଇଁ, କଟକ ଜିଲ୍ଲାର ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ,ସେ ତିନିଥର ନିର୍ବାଚିତ ହୋଇ, ୧୯୭୧ ରୁ ୧୯୭୪, ୧୯୯୦ ରୁ ୧୯୯୫ ଏବଂ ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଥିଲେ।୧୯୭୧ ମସିହାରେ ବିଶ୍ୱନାଥ ଦାଶଙ୍କ ମିଳିତ ମନ୍ତ୍ରୀ ମଣ୍ଡଳରେ ସେ ଶିକ୍ଷା ଓ ସଂସ୍କୃତି ବିଭାଗର କ୍ୟାବିନେଟ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇ, ଓଡିଶା ରାଜନୀତି ଇତିହାସରେ ସର୍ବ କନିଷ୍ଠ କ୍ୟାବିନେଟ ମନ୍ତ୍ରୀର ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲେ।ଦ୍ୱାଦଶ ବିଧାନସଭାରେ, ଜଣେ ସଫଳ ବାଚସ୍ପତି ରୂପେ ୨୦୦୦ ମସିହା ମାର୍ଚ୍ଚ ୧୦ ତାରିଖରୁ ୨୦୦୪ ମସିହା ମେ ମାସ ୨୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଜଣେ ସୁଲେଖକ ହିସାବରେ ସେ, ଦ୍ରୁତ ବିଲମ୍ବିତ, ମନ୍ଥନ, ରୋମନ୍ଥନ ଏବଂ ଅନନ୍ୟ । ନାମକ ଚାରିଖଣ୍ଡ କବିତା ପୁସ୍ତକ,ସମୟର ଯେତେବେ ଢେଉ ନାମକ ଏକ କାଳ୍ପନିକ ପୁସ୍ତକ, ଗୋଟିଏ ଆଧ୍ୟାତ୍ମିକ ପୁସ୍ତକର ରଚୟିତା ଥିଲେ। ତାଙ୍କର ଶହଶହ ସାହିତ୍ୟ, ରାଜନୀତି, ସାମାଜିକ ଓ ଆଧ୍ୟାତ୍ମିକ ସମ୍ବଳିତ ନିବନ୍ଧ ବିଭିନ୍ନ ଖବର କାଗଜ ଓ ପତ୍ର ପତ୍ରିକାରେ ବାରମ୍ବାର ପ୍ରକାଶିତ ହେଉଥିଲା ।ସେ ଜଣେ ସୁବକ୍ତା ଥିଲେ ।ତାଙ୍କ ପ୍ରଦତ ଆଧ୍ୟାତ୍ମିକ ଏବଂ ରାଜନୈତିକ ଅଭିଭାଷଣ ବେଶ୍ ଜନାଦୃତ ହୋଇ ପାରୁଥିଲା ।ଶ୍ରୀଯୁକ୍ତ କର, ପ୍ରଭୂ ଜଗନ୍ନାଥଙ୍କର ଜଣେ ବଡ ଭକ୍ତ ଥିଲେ। ଦୀର୍ଘ ୪୫ ବର୍ଷ ଧରି, ସେ ଅଲ୍ ଇଣ୍ଡିଆ ରେଡିଓ, ଦୂରଦର୍ଶନ ଓ ବିଭିନ୍ନ ବେସରକାରୀ ଟିଭି ଚାନେଲ୍ ରେ ମହାପ୍ରଭୁଙ୍କ ରଥଯାତ୍ରାର ଧାରା ବିବରଣୀ ପ୍ରଦାନ କରି ଆସୁଥିଲେ। ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ଅନିମା ମିଶ୍ର ଆକାଶବାଣୀ କଟକ କେନ୍ଦ୍ରର ଜଣେ ଏ ଗ୍ରେଡ୍‌ର କଣ୍ଠଶିଳ୍ପୀ ଭାବରେ ୧୯୬୦ ମସିହାରୁ ୧୯୯୦ ମସିହା ପର୍ଯ୍ୟନ୍ତ ବେଶ୍ ସୁନାମ ଅର୍ଜନ କରିଥିଲେ ଏବଂ ସେ ମଧ୍ୟ ଇଂରାଜୀ ବିଭାଗର ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ।ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀଯୁକ୍ତ ସୁମନ କର ଭୁବନେଶ୍ୱରର ଏକ ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ଅଧ୍ୟାପକ ଭାବରେ କାର୍ଯ୍ୟରତ। କନିଷ୍ଠ ପୁତ୍ର ଶ୍ରୀଯୁକ୍ତ ଶୋଭନ କର, ଭାରତୀୟ ରାଜସ୍ୱ ସେବା ର ଜଣେ ବରିଷ୍ଠ ଅଧିକାରୀ ରୂପେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ହୋଇ, ନିଉ ଦିଲ୍ଲୀରେ କାର୍ଯ୍ୟରତ। ବ୍ୟକ୍ତିଗତ ଜୀବନରେ ଶ୍ରୀଯୁକ୍ତ ଶରତ କର ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ଦରଦୀ ବ୍ୟକ୍ତି ହିସାବରେ ବହୁତ ଲୋକପ୍ରିୟତା ଅର୍ଜନ କରିଥିଲେ। ରାଜନୈତିକ ବନ୍ଧୁଙ୍କ ଗହଣରେ ମଧ୍ୟ ସେ ଥିଲେ ବେଶ୍ ଆଦରଣୀୟ ।ଭୁବନେଶ୍ୱରର ଏକ ଘରୋଇ ହାସପାତାଳରେ ଚିକିତ୍ସିତ ହେଉଥିବା ସମୟରେ, ତାଙ୍କର ଆକସ୍ମିକ ବିୟୋଗ, ସ୍ତବଧ୍ କରି ଦେଇଛି ତାଙ୍କର ପ୍ରିୟ ଓଡିଶାବାସୀଙ୍କୁ ।ତାଙ୍କପରି ଜଣେ ହୃଦୟବାନ୍ ବିରଳ ବ୍ୟକ୍ତିଙ୍କ ନିଧନରେ ସମସ୍ତେ ମର୍ମାହତ । ଆମେ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ,ଜଗତର ନାଥ ଜଗନ୍ନାଥ ତାଙ୍କ ଅମର ଆତ୍ମାର ସଦ୍‌ଗତି କରନ୍ତୁ , ଆଜି ତାଙ୍କ ନିକଟରେ ଆମର ଏହାହିଁ ପ୍ରାର୍ଥନା।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## କବିତା କୋଣାର୍କ

### ଆତ୍ମ ଦାହ...

କୁନା ସେଠୀ

ଶରୀରଟା ଆମ ଈଶ୍ୱର ପ୍ରଦତ୍ତ
ଏକଥା ଜାଣନ୍ତି ସବୁ
ପିତା ମାତା ଆମ ଜୀବନ୍ତ ଈଶ୍ୱର
ତାଙ୍କ ଠାରେ ମନ ଦେବୁ ।

ଶ୍ରାବଣ ପାଇଁ ତ କର୍ଣ୍ଣ ରହିଅଛି
ଭାବନା ପାଇଁ ତ ମନ
ଦର୍ଶନ ପାଇଁ ତ ଚକ୍ଷୁ ରହିଅଛି
ଦେବୁ ଟିକେ ତୁହି ଧ୍ୟାନ ।

ଘ୍ରାଣ ପାଇଁ ଦେଖ ନାସା ଟି ରହିଛି
ଖାଦ୍ୟ ଖାଇବାକୁ ମୁଖ
ଖାଇବା ସହିତ କହିବା ପାଇଁ ବି
ମୁଖର ରହିଛି ସୁଖ ।

ଦେଖିବ ଯଦି ତ ଈଶ୍ୱରଙ୍କୁ ଦେଖ
ଚକ୍ଷୁ ହେବ ପୁଣ୍ୟ ତୁମ
ଶୁଣିବ ଯଦି ତ ବାଣୀ ତାଙ୍କ ଶୁଣ
ଲଭିବ ତ ପୁଣ୍ୟ ଧାମ ।

କହିବ ଯଦି ତ ଈଶ୍ୱରଙ୍କୁ କୁହ
କେତେ ଭଲ କାମ କଲ
ଖାଇବ ଯଦି ତ ଭୋଗ ତାଙ୍କ ଖା ଅ
ପାଇବ ତାହାର ମୂଳ ।

ହସ୍ତ ଯୁଗଳ ତ କର୍ମ କରିବାକୁ
ହୋଇଅଛି ଗଢ଼ା ଆମ
ଗୋଡ଼ ଦୁଇଟାରେ ବାଟ ଚାଲୁଥିବା
ହୋଇବ ଆମରି କାମ ।

କର୍ମ ଟାକୁ ଯଦି ଈଶ୍ୱର ସେବାରେ
ଲଗାଇ ପାରିଲ ଭାଇ
ବାଟ ଟା ତୁମର ସରଗ ଧାମକୁ
ଚାଲିବ ସଳଖ ହୋଇ ।

ପଚାର ନିଜକୁ କିଏ ତୁମେ ଆଉ
କୁଆଡ଼େ ଆସିଛ କାହିଁ
କଣ କରିବ ଓ କାମ ତୁମ କଣ
ଅଛ ତୁମେ କାହା ପାଇଁ ?

ସମାଜ ତ ଏକ କଳୁଷିତ ପଙ୍କ
ପାଦ ବୁଡ଼ିଯାଏ କାଦେ
ନିଜକୁ ଚିହ୍ନିଲେ ଈଶ୍ୱର ଚିହ୍ନିବୁ
ମନେ ରଖ ପଦେ ପଦେ ।

କଳୁଷ ପଙ୍କରେ ପାଦ ଦେଲ ପରେ
ମାୟାରେ ହୋଇବୁ ଘାଣ୍ଟି
ଲୋଭ ମୋହ ତୋର ବାଟ ଓଗାଳୀବେ
ସ୍ୱାର୍ଥ ଦେବ ଚିପି ତଣ୍ଟି ।

+ ଭୂତସରସିଙ୍ଗୀ ଗଞ୍ଜାମ

### ସମୟ ଭଗବାନ...



ଅନିଲ କୁମାର ତ୍ରିପାଠୀ

ହେ ସମୟ ଭଗବାନ!
ତୁମେ ନିର୍ବିକାର, ନିଶ୍ଚିତ, ନିଷ୍ଠୁର
ଅନ୍ୟ ଦୁଃଖେ, ନହୁଅ କାତର,
ଅଧିର, ଅଥୟ, ମ୍ରିୟମାଣ
ବା ସୁଖରେ ଉଲ୍ଲସିତ,
ଉତ୍ସାହିତ, ଉତ୍‌ଫୁଲିତ ।
ତୁମେ କେବେ ଅଜାଡ଼ି ଦିଅ
ଖୁସିର ଅଜସ୍ର ଅଜସ୍ର ରକ୍ତିମ ଗୋଲାପ,
ବୁହାଇ ଦିଅ ପ୍ରେମର
ଚିରସ୍ରୋତା ମନ୍ଦାକିନି,
ଢ଼ାଳି ଦିଅ ଶାରଦୀୟ ଜହ୍ନର
ରୂପେଲି ଜ୍ୟୋତ୍ସ୍ନା ।
ବେଳେ ବେଳେ କର ନିର୍ମମ ପ୍ରହାର,
ଲଦି ଦିଅ ପାହାଡ଼ ପାହାଡ଼
ଦୁଃଖ ପରେ ଦୁଃଖ
କାଳ ବୈଶାଖୀ ପରି ମାଡ଼ି ଆସ
ଜ୍ଞାତି କୁଟୁମ୍ବ ସହ ସତେ ନେବା ପାଇଁ
ଜନ୍ମ ଜନ୍ମର ପରି ମାଡ଼ି ଆସ
ଜ୍ଞାତି କୁଟୁମ୍ବ ସହ ସତେ ନେବା ପାଇଁ
ଜନ୍ମ ଜନ୍ମର ପ୍ରତିଶୋଧ ।
ତୁମ ପୂଜାର୍ଚ୍ଚନା ପାଇଁ ନାହିଁ ନୈବେଦ୍ୟ,
ନାହିଁ ଫୁଲ, ଚନ୍ଦନ, ଧୂପ, ଦୀପ,
ନାହିଁ ଷୋଡ଼ଶ ଉପଚାର,
ନାହିଁ ବଳି, ନାହିଁ ରକ୍ତ ଭୋଜି ।
ତାହା ହେଲେ ତୁମକୁ ସନ୍ତୁଷ୍ଟ କରିବାକୁ
ସତରେ ନାହିଁ ବେଦ ପାଠ ?
ନାହିଁ କିଛି କାଉଁରି ମନ୍ତ୍ର ?
ନା ସବୁ ଜାଣି ଅଜଣା ପରି
ରହୁଛି ମଣିଷ ?
ଧୈର୍ଯ୍ୟ, ବିନୟ, ସତ୍ୟନିଷ୍ଠ ମନ୍ତ୍ର
ଆଗେ ହୁଅକି ଦୁର୍ବଳ ?
ରାଗ ହିଂସା ଦ୍ୱେଷର ବଳି
ତୁମକୁ କରେକି ଶାନ୍ତ ?
ଦୟା, କ୍ଷମା, ପରୋପକାରର
କାଉଁରୀ ବିଦ୍ୟା
ତୁମକୁ କରେକି ସମ୍ମୋହନ ?

+ ସହକାରୀ ଶିକ୍ଷକ, ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶେରଗଡ଼, ଗଂଜାମ ମୋ: ୭୩୮୧୫୫୮୩୧୦

ଇଂ. ବିଦ୍ୟାଧର ପଣ୍ଡା

# ଅପମୃତ୍ୟୁ ପାଇଁ କିଏ ଦାୟି ?

ନିଆଶା! ନିଆଶା! ଆରେ ଆମେପରା ସାତଟାରେ ବାହାରିବା କଥା। ତୋ'ପରୀକ୍ଷା ଏଗାରଟାରେ ଆରମ୍ଭ ହେବ। ଅର୍ଥାତ୍ ସେମାନେ ଦଶଟା ଚାଳିଶରୁ ହଲ୍‌ଟିକେଟ ଆଦି ଦେଖାଦେଖି ଚାଲୁକରିବେ। ଏବେ ସାତଟା ବାଜିଲାଣି। ତୁ ନିତ୍ୟକର୍ମ ସାରୁସାରୁ ଘଂଟାଏ। ବାଟରେ ଯଦି ବାନ୍ତିହେଲା! ରହିରହି ଯିବାକୁ ହେବ। ଗାଡି ଘୋଡା କଥା। ଜଲଦି ତଳକୁ ଆସି ତୋ'କାମ ସାରିଦେ। ଗାଧୁଆଘର ଫାଙ୍କା ଅଛି। ମୋ'କାମ ମୁଁ ସାରିଦେଇଛି। କରୋନାକାଳରେ ରାସ୍ତାରେ କିଛି ଖାଇବାକୁ ମିଳିବନି, ଅଳ୍ପକିଛି ଜଳଖିଆ ଖାଇ ଦୁହେଁ ଘରୁ ବାହାରିବା। ଆ, ଆ, ଜଲଦି ଜଲଦି ତୋ'କାମ ସାରିଦେ, ମାଆ ଅମ୍ବୀକାଙ୍କ ପାଖରେ ନଡିଆଟିଏ ଭାଙ୍ଗି ତୋ ପରୀକ୍ଷା ହଲ୍‌କୁ ଯିବା। ଏଥର ମୋ'ମାଆର ଲାଗୁଛି ନିଶ୍ଚିତ କ୍ଲିୟର୍ ହେବ। ଶାନ୍ତି! ଶାନ୍ତି! ନିଆଶାକୁ ଡାକ। ମୁଁ ଯେତେ କହିଲି ପରୀକ୍ଷା ପୂର୍ବରାତିରେ ବେଶି ଅନିଦ୍ରା ନହୋଇ ଭଲରେ ବିଶ୍ରାମ କଲେ ମୁଣ୍ଡ ଥଣ୍ଡା ରହିବ, ମୋ କଥାକୁ କ'ଣ ଶୁଣିଲା! ଏବେ ଶେଯରୁ ଉଠି ମୁଣ୍ଡ କୁଣ୍ଡେଇବାକୁ ଯିବ ଘଂଟାଏ। ଆଜି ଲାଗୁଛି ଠିକ୍‌ସମୟରେ ଆଦୌ ପହଁଚି ହେବନି। ଶାନ୍ତିଲତା ଶୋଇବାଘରୁ ଝପଟି ଆସି ଗାଧୁଆଘରେ ପଶିଲା ବେଳକୁ ଦୁଃଖୀରାମ ବାଟ ଓଗାଳି କହିଲେ ଦୁଇମିନିଟ୍‌ରେ ବାହାରିବ। ବେଶୀ କୁନ୍ଥାକୁନ୍ଥି କାମ ଥିଲେ, ନିଆଶା ନିତ୍ୟକର୍ମ ସରିବାପରେ ତୁମେ ପଶିବ। ଶାନ୍ତିଲତା ମୁହଁମୋଡି ଦୁଃଖିରାମକୁ କହିଲେ ବାରିପଦାରୁ ବାଲେଶ୍ୱର ଘଂଟାକର ବାଟ। ଏଗାରଟାରେ ପରୀକ୍ଷା। କାଲି ମୋ'ଝିଅ ଶୋଉଶୋଇ ଦୁଇଟା କି ତିନିଟା ବାଜିଥିବ। ଚାରିଘଂଟା ପାଂଚଘଂଟା ଶୋଇବା କଥା। କାହିଁକି ସକାଳୁସକାଳୁ ରଢି ଉପରେ ରଢିଛାଡି ତାକୁ ଡାକୁଛ? ସିଏ ବଳେ ଠିକ୍‌ସମୟରେ ତଳକୁ ଆସିବ। ସାତଟାରୁ ସାଢେ ସାତଟା ଯାଇ ଆଠଟା ହେଲା। ନିଆଶା ତଳକୁ ଆସୁନି। ଶେଷରେ ଶାନ୍ତିଲତା ଶିଡିଚଢି ନିଆଶାର ପଢାଘର କବାଟ ଠକ୍‌ଠକ୍ କଲେ। ଭାବିଲେ ଗାଢାନିଦ ହୋଇଯାଇଛି ବୋଧେ। କିଛି ସମୟ ଠକ୍‌ଠକ୍ କଲାପରେ ନଖୋଲିବାରୁ ପଢୋଶୀ ଘରଛାତରେ ଟହଲୁଥିବା ଦୁଷ୍ମନ୍ତବାବୁଙ୍କୁ ଡାକିଲେ। ଦୁଷ୍ମନ୍ତବାବୁ ଘରୁ ଶାବଳଆଣି କବାଟ ମଝିଫାଙ୍କରେ ପୁରେଇ ତେଢିଦେବାରୁ ଦେଖାଗଲା ଯେ ନିଆଶା ଶରୀର ତା'ରି ଓଢଣିରେ ବନ୍ଧାହୋଇ ଛାତପଙ୍ଖାତଳକୁ ଝୁଲୁଛି। ମାଆ ଶାନ୍ତିଲତାଦେବୀ ବେହୋସ୍‌ହୋଇ ତଳେ ପଡିଗଲେ। ବାପା ଦୁଃଖୀରାମ ଜୋରରେ ଚନିଆଶା ନିଆଶା ମୋଝିଅ ମୋ ମାଆନ୍ତ ବୋଲି ଚିତ୍କାର କରି କାନ୍ଦିକାନ୍ଦି ଗଡିବାକୁ ଲାଗିଲେ।

ଦୁଃଖୀରାମ ପାହାନ୍ତିଆରୁ ଉଠି ନିଜର ନିତ୍ୟକାମ ସାରି ଉପରମହଲା ଝରକାକୁ କେତେଥର ଚାହିଁଲେଣି। ନିଆଶା ତା'ପଢାଘର ଆଲୁଅ ଜଳଉନି ଦେଖି ଭାବୁଛି ଗତରାତିରେ ବୋଧେ ବେଶୀରାତି ଯାଏ ଅନିଦ୍ରା ରହିଥିଲା। ବାରିପଦାରୁ ବାଲେଶ୍ୱର ଯିବାକୁ ମୋଟରସାଇକେଲ୍‌ରେ ଦେଢଘଂଟା ଉପରେ ଲାଗିବ। ତା'ପରେ ପରୀକ୍ଷା କଥା। ଘଂଟାଏ ଆଗରୁ ନପହଁଚିଲେ ନହୁଏ। ଏଗାରଟାରେ ଏନ୍‌ଇଇଟି ପରୀକ୍ଷା ଆରମ୍ଭ ହେବବୋଲି ବାପା ଦୁଃଖୀରାମ ଝିଅ ନିଆଶାକୁ କାଲି ରାତିରେ କହିଥିଲେ ସକାଳ ସାତଟାରେ ବାହାରିବାକୁ। ନିଆଶାର ମୋଟରସାଇକେଲ୍ ପଛରେ ବେଶୀ ବାଟଗଲେ ବାନ୍ତି ହୁଏ। ସେଥିପାଇଁ କମଳାଲେମ୍ବୁ କିଲେ କିଣି ମୋଟରସାଇକେଲ୍ ଗାଡିଡିକିରେ ରଖିଥିଲେ। ଆରଥରକ ଅଳ୍ପନମ୍ବର କମିବାରୁ ସରକାରୀ ମେଡିକାଲ୍ କଲେଜରେ ସିଟ୍ ମିଳିଲାନି। ଦୁଃଖୀରାମ ଝିଅ ନିଆଶାକୁ ବୁଝେଇ କହିଲେ ବର୍ଷେ ରହିଯା'। ଯାହା କୋଟାରେ କୋଚିଂବେଳେ ପଢିଛୁ ଘରେରହି ରିଭିଜନ୍ କରିଦେ, ଦେଖିବୁ ଆରଥରକୁ ନିଶ୍ଚୟ ବାଜିଯିବ। ନିଆଶାର କକାଝିଅ ଚଂଚଳ ତା'ଠାରୁ ଛଅମାସ ସାନ। ଏକାସାଙ୍ଗରେ କୋଚିଂ ନେଉଥିଲେ। କକାକାକୀ ଦୁହେଁ ଚାକିରିଆ। ପଇସା ଅଛି, ତେଣୁ ଚଂଚଳକୁ କର୍ଣ୍ଣାଟକର ମଣିପାଲ୍‌ରେ ଗୋଟେ ଘରୋଇ ମେଡିକାଲ୍‌କଲେଜରେ ଦଶଲକ୍ଷ ଟଙ୍କା ଡୋନେସନ୍ ଦେଇ ଆଡ୍‌ମିସନ୍ କରେଇଦେଲେ। ଆଉଗୋଟେ ପିଉସୀଝିଅ ତାଠାରୁ ଆଠମାସେ ସାନ, ତା'ସାଙ୍ଗରେ ସିଏ ବି କୋଟା ଯାଇଥିଲା ଯେ ପ୍ରଥମଥରରେ ବଜେଇଦେଲା। ଗତବର୍ଷ ଏନ୍‌ଇଇଟି ପରୀକ୍ଷା ଦେଲାବେଳେ ତିନିଜଣ ଯାକ ଗୋଟିଏ କାର୍‌ରେ ବାରିପଦାରୁ ବାଲେଶ୍ୱର ଯାଇ ପରୀକ୍ଷା ଦେଇଥିଲେ। ଫଳ ବାହାରିବା ଦିନଠାରୁ ଚାରିଦିନ ଯାଏ ନିଆଶା କାନ୍ଦିକାନ୍ଦି ତା'ଆଖି ଫୁଲି ଯାଇଥିଲା। ମାଆବାପା କେତେ ବୁଝେଇଲା ପରେଯାଇ ଚାରିଦିନରେ ଭାତ ଖାଇଥିଲା। ଏହାଠାରୁ ସାନ ସେ ଦୁଇଭଉଣୀ ଏବେ ମେଡିକାଲ୍ କଲେଜ୍‌ରେ ପଢୁଛନ୍ତି। ଘରେ ବେଳେବେଳେ ଯାଙ୍କ ବିଷୟରେ କଥାପଡିଲେ ସମସ୍ତେ କୁହନ୍ତି ନିଆଶା ସମସ୍ତଙ୍କଠାରୁ ବଡ ହେଲେ କ'ଣ ହେବ ପରୀକ୍ଷାରେ ଭଲ କରିପାରୁନି। ଏଥିରେ ତା'ଙ୍କଠାରୁ ବର୍ଷେ ପଛେଇଗଲା। ବାପାମାଆ ବଳଦେଇ କୁହନ୍ତି ବର୍ଷେ ଆଗପଛ କିଛି ବଡକଥା ନୁହେଁ। ତୁ ଏଥର ଚେଷ୍ଟାକର ନିଶ୍ଚିତ ପାସ୍‌ହେବୁ। ନିଆଶା ବି ପ୍ରଥମରୁ ପ୍ରତ୍ୟେହ ଚଉଦଘଂଟା ପରିଶ୍ରମ କରିଛି। ମନେମନେ ଭାବେ ଏଥର ନିଶ୍ଚତ କ୍ଲିୟର୍ ହୋଇଯିବ। କିନ୍ତୁ ବେଳେବେଳେ ଡରଲାଗେ ଯଦି ନହେଲା! ଏମିତି ଭାବିଭାବି ଦିନେଦିନେ ତା'କୁ ରାତିରେ ନିଦ ହୁଏନି। ଏନ୍‌ଇଇଟି ପରୀକ୍ଷା ଯେତେ ପାଖେଇ ଆସୁଥାଏ ନିଆଶାର ଛାତିର ସ୍ପନ୍ଦନ ସେତେ ବୃଦ୍ଧି ପାଉଥାଏ। ଆଉ ଆଗକୁ ଚାରିଦିନ ବାକି ଅଛି। ନିଆଶା ପିଉସୀ ଝିଅ ଯିଏ ପ୍ରଥମଥର ଏନ୍‌ଇଇଟି କ୍ଲିୟର୍ କରି କଟକ ଏସ୍‌ସିବି ମେଡିକାଲ୍ କଲେଜରେ ପଢୁଛି ତା'ସହ କଥା ହେଲା। କରୋନାରେ ସବୁ ସ୍କୁଲ୍‌କଲେଜ ବନ୍ଦ। ଏବେ ସମସ୍ତେ ଘରେ ଅଛନ୍ତି। ସିଏ ଦୁଇଦିନ ଆସି ତା'ପାଖରେ ରହି ତାକୁ କିଛି ପାଠ ବୁଝେଇବାକୁ ରାଜି ହେଲା। ଏଥର ଏନ୍‌ଇଇଟି ପରୀକ୍ଷା ଥିଲା ରବିବାର, ମାନେ ସେପ୍ଟେମ୍ବର ୧୩ତାରିଖ। ନିଆଶାର ପିଉସୀ ଝିଅ ତିନିଦିନ ପୂର୍ବରୁ ସେପ୍ଟେମ୍ବର ୧୦ତାରିଖ ସକାଳେ ଆସି ପହଁଚି ତା'କୁ ପାଠ ବୁଝେଇବାକୁ ଲାଗିଲା। ସିଏ ତା ପରଦିନ ୧୧ତାରିଖ ରାତିରେ ତା'ଙ୍କ ଘରକୁ ଫେରିଯିବା ବେଳେ ଆଗାମୀ ଦୁଇଦିନ ଭିତରେ କ'ଣକ'ଣ ସବୁ ନିଆଶାକୁ ପାଠ ସାରିବାକୁ ହେବ କହିଗଲା। ମଝିରେମଝିରେ କିଛି ବୁଝି ନପାରିଲେ ସିଏ ଫୋନ୍‌ରେ ସେ ପିଉସୀଝିଅକୁ ପଚାରେ। ୧୨ତାରିଖ ସକାଳେ ସିଏ ଦେଖିଲା ଆଉରି ଦୁଇଦିନର ପାଠ ବାକିଅଛି। ତା'କୁ ଡରଲାଗିଲା। ପରୀକ୍ଷା ପୂର୍ବ ସନ୍ଧ୍ୟାରେ ମାଆଙ୍କୁ କହିଲା ମୋତେ ଆଜି କିଛି ମୁଢିମିକ୍ସର ଦିଅ। ମୋର ପାଠ ବହୁତ ବାକିଅଛି। ରାତ୍ରୀ ଭୋଜନ ଖାଇଲେ ନିଦ ଲାଗିବ। ମୁଁ ଏସବୁ ନେଇ ମୋ ପଢାଘରକୁ ଚାଲିଯାଉଛି। କାଲି ସାତଟାରେ ବାପାଙ୍କୁ କହିବ ପ୍ରସ୍ତୁତ ରହିବେ ଆମେ ପରୀକ୍ଷା ଦେବାକୁ ବାଲେଶ୍ୱର ଯିବା। ମୋତେ ରାତିରେ ଆଉ କେହି ଡିଷ୍ଟର୍ବ କରିବନି। ଏମିତି କହି ମୁଢିଡିବା ଏବଂ ମିକ୍ସର୍ ପ୍ୟାକେଟ୍ ନେଇ ଉପରମହଲାରେ ଥିବା ତା'ର ଏକାନ୍ତ ପଢାଘର ଭିତରକୁ ପଶି କବାଟ କିଳିଲା। ନଅଟା ଯାଏ ପାଠ ଭଲରେ ପଢିଛି। କିଛି ପାଠ ବୁଝିବାକୁ ପିଉସୀ ଝିଅକୁ ଶେଷଫୋନ୍ କରିଛି ସେହି ରାତିଦଶଟାରେ। ତାପରେ ମୋବାଇଲ୍‌ରୁ ସେହି ପିଉସୀ ଝିଅକୁ ପନ୍ଦର କି ଷୋଳଥର ଫୋନ୍ ଲଗେଇଛି। ଦଶଟାପରେ ଏଗାରଟା କୋଡିଏ, ଏଗାରଟା ପଚିଶ, ଏଗାରଟା ବତିଶ, ଏମିତି ରାତି ଦୁଇଟା ପଇଁଚାଳିଶ ଯାଏଁ ଷୋଳଥର ତା ପିଉସୀଝିଅ ସହ କଥାହେବାକୁ ଚେଷ୍ଟା କରିଛି, ହେଲେ ସବୁଥର ନୋ ଆନ୍ସର୍ ହୋଇଛି। କିଛି ପାଠ ବୁଝିବାକୁ ଚାହୁଁଥିଲା ପରି ମନେହୁଏ। ପିଉସୀଝିଅ ବୋଧେ ମୋବାଇଲ୍ ସାଇଲେଂଟ୍ କରି ଶୋଇଯାଇଛି, ତେଣୁ ତା ସହିତ କଥା ହେବାରେ ବିଫଳ ହେଲାପରେ ସିଏ ଜୀବନରେ ବିଫଳ ହେଲା ବୋଲି ଧରିନେଇଛି। ଶେଷରେ ନିଆଶା ନିଜ ପଢାଘର ଛାତତଳେ ଲାଗିଥିବା ସିଲିଂପଙ୍ଖାରୁ ନିଜର ଓଢଣୀ ସାହାଯ୍ୟରେ ନିଜଗଳାରେ ଫାଶ ପକେଇ ଝୁଲିଯାଇଛି। ବାପା ମାଆ ତଳେ। ଭାଇର ଚାକିରି ଦିଲ୍ଲୀରେ। ଘରେ ଆଉକେହି ନାହାନ୍ତି। ସକାଳୁସକାଳୁ ବାପା ଦୁଃଖୀରାମ ଝିଅକୁ ପରୀକ୍ଷାହଲ୍‌କୁ ନେବାପାଇଁ ପ୍ରସ୍ତୁତ ହୋଇ, ମାଆ ଶାନ୍ତିଲତା ଜଳଖିଆ ତିଆରି କରି ଦେଖିଲା ବେଳକୁ ନିଆଶା ଆଉ ଜୀବନରେ ନାହିଁ। କିଛି ସମୟପରେ ପୋଲିସ୍ ଦଳ ମାଜିଷ୍ଟ୍ରେଟ୍‌ଙ୍କ ସହ ଆସି ନିଆଶାର ଶବକୁ ପଙ୍ଖାରୁ ଓହ୍ଲେଇ ମେଡିକାଲ୍‌ନେଇ ପୋଷ୍ଟମଟମ କଲେ। ପରେ ବନ୍ଧୁବାନ୍ଧବ ଆସି ଶବସତ୍କାର ଆଦି କରି ପୋଷ୍ଟମଟମ୍ ରିପୋର୍ଟ ଆଣିବାକୁ ଗଲେ। ରିପୋର୍ଟରେ ମୃତ୍ୟୁର କାରଣ ଅତ୍ୟନ୍ତ ମାନସିକ ଚାପ ଏବଂ ଗଳାରଦ୍ଧ ବୋଲି ଲେଖାଥିଲା। ମୃତ୍ୟୁର ସମୟ ତିନିଟା କୋଡିଏରୁ ତିନିଟା ଚାଳିଶ ବୋଲି ଅନୁମାନ କରିଥିଲେ। ଦୁଃଖୀରାମକୁ ନିଆଶା ଚିରଦିନ ପାଇଁ ନିରାଶକରି ଅଫେରା ରାଇଜକୁ ଚାଲିଗଲା। ଶାନ୍ତିଲତାର ବାକି ଜୀବନରେ ଏକମାତ୍ର ଝିଅକୁ ହରେଇ ପ୍ରକୃତ ଶାନ୍ତି ହଜିଗଲା। ତେବେ କାକାଝିଅ ଏବଂ ପିଉସୀ ଝିଅ ଡାକ୍ତର ହେଲେ ବୋଲି ନିଆଶାର ଡାକ୍ତର ହେବା କ'ଣ ନିହାତି ଜରୁରୀ ଥିଲା। କିଏ ଖୋଜିବ ମାନସିକ ଚାପର ଉପଶମର ଉପାୟ? ପିତାମାତା ନିଜଛୁଆଙ୍କ ମନ ଯଦି ପଢି ପାରିଲେନି ତେବେ ସମାଜ କେମିତି ତା'ଙ୍କୁ ବୁଝିବ! କିଶୋରଅବସ୍ଥାରେ ସମସ୍ତ ଅଭିଭାବକଙ୍କର ଦାୟିତ୍ୱ ଟିକେ ବେଶୀ। ଛୁଆମାନଙ୍କୁ ସ୍ନେହ ଓ ସମୟ ସହ ଅନେକ କିଛି ଆତ୍ମୀୟତା ଦରକାର। ଦେଶ ଓ ଜାତିର ପ୍ରକୃତ ଭବିଷ୍ୟତ ସେମାନେ। ବଗିଚାରେ କଢି ଅବସ୍ଥାରେ ଫୁଲଟିଏ ଫୁଟିବା ଆଗରୁ ଏମିତି ଅବେଳରେ ଝଡିଗଲେ ମାଳିକୁ ପାପ ଲାଗିବନି! ଦଶମଶ୍ରେଣୀର ଟପର୍ ନିଆଶା ଆଜି ଆମଗହଣରେ ନାହିଁ। କିନ୍ତୁ ଛୁଆମାନଙ୍କ ପାଖରୁ ଭଲରେଜଲ୍ଟ ଆଶା କରିବା ଠିକ୍ କଥା, ହେଲେ ଅତି ମହତ୍ୱକାଂକ୍ଷା ବେଳେବେଳେ ସର୍ବନାଶର କାରଣ ହୋଇଥାଏ ବୋଲି ମନେ ରଖିବା ଉଚିତ୍। ମୁଁ ଶୁଣିଛି ମୋର ଜଣେ ମିତ୍ର ତା'ଙ୍କ ଝିଅକୁ କୁହନ୍ତି, 'ଏଥର ଯଦି ତୁ ତୁମ କ୍ଲାସ୍‌ରେ ପ୍ରଥମ ନହେଲୁ ତେବେ ମୁଁ ଭାବିବି ତୁ ମୋ ଝିଅ ନୁହଁ।' ଥଟ୍ଟାରେ ସେଦିନ ମୁଁ ମିତ୍ରଙ୍କୁ ସେହି ଝିଅ ଆଗରେ ପଚାରିଲି, 'ସତରେ ଯଦି ସିଏ ପ୍ରଥମ ନହେଲା ତେବେ କାହା ଝିଅ ହେବ!' ଏମିତି ଅନେକ ପିତାମାତା ଅଭିଭାବକ ଆମ ସମାଜରେ ଅଗଣିତ ସଂଖ୍ୟାରେ ଅଛନ୍ତି। ତେବେ କୁହନ୍ତୁ ଏସବୁ ଅପମୃତ୍ୟୁ ପାଇଁ କିଏ ଦାୟି!

ମୋ- ୯୪୩୯୧୨୮୦୫୦
ପ୍ଲଟ-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

# ଅଜବ ହେଲେ ବି ଉପକାରୀ

କେବଳ ଔଷଧ ଅସୁସ୍ଥତାରୁ ଆରୋଗ୍ୟ କରେ ନାହିଁ, ଅନେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଥେରାପିର ବ୍ୟବହାର କରାଯାଏ । ଚିକିତ୍ସକୀୟ ଥେରାପି ବାଦ୍ ଏପରି ଏକାଧିକ ଥେରାପି ରହିଛି ଯାହା ମଣିଷର ମାନସିକ ଅସୁସ୍ଥତା ଉପଶମ କରିବାରେ ଖୁବ୍ ଉପକାରୀ । ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହାର ଚମତ୍କାରୀ ପ୍ରଭାବ ରହିଛି ଏପରି ୫ଟି ଥେରାପି ସମ୍ପର୍କରେ ....

## ମ୍ୟୁଜିୟମ ଥେରାପିଃ



କାନାଡାରେ ରୋଗୀମାନଙ୍କୁ ଆରୋଗ୍ୟ କରିବା ଲାଗି ମ୍ୟୁଜିୟମ ଥେରାପି ଖୁବ ଉପକାରୀ ହେଉଥିବା ଦେଖାଯାଉଛି । ଏଠାରେ ଡାକ୍ତରମାନେ ରୋଗୀଙ୍କୁ ମ୍ୟୁଜିୟମ ଦେଖିବା ଲାଗି ମାଗଣା ଭାଉଚର ଦେଉଛଇଥାନ୍ତି । ୯ମାସ ମଧ୍ୟରେ ୧୮୫ଟି ଭାଉଚରରେ ୭୪୦ ଜଣ ରୋଗୀ ମ୍ୟୁଜିୟମ ବୁଲିଆସିଲେଣି । ସେମାନଙ୍କ ସ୍ୱାସ୍ଥ୍ୟରେ ବେଶ ସୁଧାର ଆସିଥିବା ଡାକ୍ତର କହୁଛନ୍ତି। ଗତବର୍ଷ ନଭେମ୍ବର ମାସରେ ମଣ୍ଟ୍ରିଲ ମ୍ୟୁଜିୟମ ଅଫ୍ ଫାଇନ ଆର୍ଟସର ସଦସ୍ୟମାନେ ମେଡିସିନସ ଫ୍ରାନସୋଫାନସ ଡୁକାନାଡ଼ା ସହିତ ମିଶି ଏହି ଯୋଜନା କରିଥିଲେ । ଏଥିରେ ଡାକ୍ତର ରୋଗୀଙ୍କୁ ମ୍ୟୁଜିୟମ ବୁଲିବା ଲାଗି ମାଗଣା ଭାଉଚର ଦେଇଥାନ୍ତି । ମଣ୍ଟ୍ରିଲ ମ୍ୟୁଜିୟମ ବୁଲିବା ଲାଗି ଜଣକ ୩୧ଡଲାର ପଡୁଥିବା ବେଳେ ଡାକ୍ତର ଦେଇଥିବା ଗୋଟିଏ ଭାଉଚରରେ ଚାରିଜଣ ଯାଇପାରିବେ । ଏହାଦ୍ୱାରା ରୋଗୀମାନଙ୍କ ମନରେ ଜିଇବାର ଉତ୍ସାହ ବଢ଼ିଥାଏ ଏବଂ ସେମାନେ ଖୁବଶୀଘ୍ର ଆରୋଗ୍ୟ ଲାଭ କରିଥାନ୍ତି । ସାଧାରଣତଃ ଚିନ୍ତା, ଅବସାଦ, ଆଲଜାଇମର ସହିତ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗରେ ଆକ୍ରାନ୍ତ ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ଏହି ଭାଉଚର ଦିଆଯାଏ । ଏହା ବିଶ୍ୱରେ ସବୁଠାରୁ ଆଶ୍ଚର୍ଯ୍ୟକର ଚିକିତ୍ସା ଥେରାପି ଏବଂ ଏକବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବେଶ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଲାଗି ସହାୟକ ହେବ ବୋଲି ଡାକ୍ତରମାନେ ମତ ଦିଅନ୍ତି ।




## ଆର୍ଟଥେରାପି

ପାଠପଢ଼ା ଚାପରେ ଛାତ୍ରଛାତ୍ରୀମାନେ ସାଧାରଣତଃ ବ୍ୟସ୍ତ ହୋଇପଡ଼ନ୍ତି ଏବଂ ମୁଣ୍ଡବ୍ୟଥାରେ ଆକ୍ରାନ୍ତ ହୁଅନ୍ତି ବୟସ୍କଙ୍କଠାରେ ଏହି ସମସ୍ୟା ଦେଖାଗଲେ ବି ସେମାନଙ୍କ ତୁଳନାରେ କିଶୋରମାନେ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । ତେଣୁ ଗବେଷକମାନେ ସେମାନଙ୍କୁ ଏହି ସମସ୍ୟାରୁ ମୁକାଳିବା ଲାଗି ଏକ ଥେରାପି ଆବିଷ୍କାର କରିଛନ୍ତି । କଳା ଆଧାରିତ ଏହି ଥେରାପିର ନାଁ ଆର୍ଟ ଥେରାପି' । ୱାଶିଂଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସିଆଟଲର ଏକ ହାଇସ୍କୁଲରେ ୧୪ରୁ ୧୭ବର୍ଷ ବୟସର ଛାତ୍ରୀମାନଙ୍କ ଉପରେ ଏହି ଥେରାପି ପ୍ରୟୋଗ କରିଥିଲେ । ଏଥିରେ ଜଣେ ଚିତ୍ର ଆଙ୍କିବା, ରଙ୍ଗ ଦେବା, ମୂର୍ତ୍ତି ଗଢ଼ିବା ଆଦି କାମ କରିପାରିବେ କିମ୍ବା ଏପରି ସୁନ୍ଦର କଳାକୃତିକୁ ଦେଖିପାରିବେ । ଏହା ମାନସିକ ଶାନ୍ତି ଦେବା ସହିତ ବିଭିନ୍ନ ମନସ୍ତାତ୍ତ୍ୱିକ ସମସ୍ୟାର ସମାଧାନ କରିଥାଏ । ବିଶୋରମାନଙ୍କ କ୍ଷେତ୍ରରେ ଏହି ଥେରାପି ଖୁବ୍ ସହାୟକ ହୋଇପାରିବ ବୋଲି ଏହି ରିପୋର୍ଟର ଲେଖକ ତଥା ୱାଶିଂଟନ ବିଶ୍ୱବିଦ୍ୟାଳୟର ମାନବକୈନ୍ଦ୍ରିକ ଡିଜାଇନ ଏବଂ ଇଞ୍ଜିନିୟରିଂ ବିଭାଗର ବୈଜ୍ଞାନିକ ଏଲିନ ଜୋରଲିଙ୍ଗ କହିଛନ୍ତି ।

## କ୍ଲାଉନ ଥେରାପିଃ



ଜୋକର ଦେଖିବାକୁ ପିଲାଙ୍କଠାରୁ ବଡ଼ଯାଏ ସମସ୍ତେ ପସନ୍ଦ କରନ୍ତି । ସାଧାରଣ ମଣିଷଟିଏ ଜୋକର ପରି ପୋଷାକ, ଟୋପି ପିନ୍ଧି ନାକରେ ବଲ ଲଗାଇ ଅସାଧାରଣ ଚରିତ୍ର ପାଲଟିଯାଏ । ଯେତେ ମନଦୁଃଖରେ ଥିଲେ ସୁଦ୍ଧା ଜୋକର ଦେଖିବା ମାତ୍ରେ ଆପେ ହସ ବାହାରିଆସେ । ଏବେ ଏହି ଜୋକର ବେଶଭୂଷା ଚିକିତ୍ସା ବିଜ୍ଞାନରେ ଏକ ଥେରାପି ଭାବେ ବ୍ୟବହୃତ ହେଉଛି । ମାନସିକ ରୋଗ ଚିକିତ୍ସକ ଚେରିଲ କାର୍ପ ନିଜ ଅନୁଭୂତିକୁ ନେଇ ୧୯୯୮ ମସିହାରେ କ୍ଲାଉନ୍ ଥେରାପି ଉପରେ ଏକ ଆଲେଖ୍ୟ ପ୍ରସ୍ତୁତ କରିଥିଲେ । ଏହାପରେ ଏହି ଥେରାପି ଦୃଷ୍ଟି ଆକର୍ଷଣ କରିଥିଲା ବିଶେଷକରି ଡ୍ରଗସ କବଳରେ ପଡ଼ୁଥିବା ଲୋକମାନଙ୍କୁ ଆରୋଗ୍ୟ କରିବା ଲାଗି ଏହା ସହାୟକ ହେଉଛି । ନେପାଳ ଭୂମିକମ୍ପ ବେଳେ ଆତଙ୍କିତ ଲୋକ ଏବଂ ଶିଶୁମାନଙ୍କୁ ଭୟମୁକ୍ତ କରିବା ଲାଗି ଏଭଳି କ୍ଲାଉନ ଥେରାପିର ଆଶ୍ରୟ ନିଆଯାଇଥିଲା । ମୁଖ୍ୟତଃ ଇସ୍ରାଏଲ ଏହି ଥେରାପି ବିଶେଷଜ୍ଞମାନଙ୍କୁ ନେପାଳ ପଠାଇଥିଲା ।



# ଛୁଟିରେ କିଛି ପରିବର୍ତ୍ତନ

ଛୁଟି ହେଲେ ଘରେ ସାଙ୍ଗସାଥୀଙ୍କ ଆସର ଜମିବା ସ୍ୱାଭାବିକ । ଅନ୍ୟମାନଙ୍କ ଭଳି ଆପଣ ବି ଚାହାନ୍ତି ଆପଣଙ୍କ ଘର ଖୁବ୍ ଆକର୍ଷଣୀୟ ଦେଖାଯାଉ । କିନ୍ତୁ କିପରି କରିବେ ଜାଣିପାରନ୍ତି ନାହିଁ । କିନ୍ତୁ କିଛି ଛୋଟ ଛୋଟ ପରିବର୍ତ୍ତନ ଆପଣଙ୍କ ଘରକୁ ଦେଇପାରିବ ନୂଆ ଓ ଟ୍ରେଣ୍ଡି ଲୁକ୍ ।

**ଫୁଲରେ ସଜା:**

ଘର ସାଜସଜ୍ଜା ପାଇଁ ଫୁଲ ସବୁଠୁ ଭଲ ବିକଳ୍ପ ହୋଇପାରିବ । ଘରର ସବୁ ରୁମ୍‌କୁ ଫୁଲରେ ସଜାଇ ପାରିବେ । ଆପଣଙ୍କ ପସନ୍ଦର କୌଣସି ଫୁଲକୁ ଡାଇନିଙ୍ଗ୍ ଟେବଲ୍ ବେଡରୁମ୍, ବାଲକୋନି ଏବଂ କିଚେନ୍‌ରେ ରଖି ସଜାଇପାରିବେ ।

**ଜିନିଷ ସଜା:**

ନୂଆ ଲୁକ୍ ଦେବା ପାଇଁ ପ୍ରଥମେ ରୁମ୍ ଭିତରର ପ୍ରତ୍ୟେକ ଜିନିଷ ସଜାଡ଼ିବାକୁ ପଡ଼ିବ । ପ୍ରତ୍ୟେକଟି ଜିନିଷ ନିଜ ନିଜ ସ୍ଥାନରେ ରହିଥିବା ଦରକାର । ଫ୍ରିଜ୍, ବେଡରୁମ୍, ୱାର୍ଡରୋବ୍, କିଚେନ୍‌ରେ ପଡ଼ି ରହିଥିବା ଜିନିଷକୁ ସଜାଡ଼ି ରଖନ୍ତୁ ।

**ଅଳ୍ପ ରଙ୍ଗ:**

କମ୍ ଖର୍ଚ୍ଚରେ ଲିଭିଙ୍ଗ୍ ରୁମ୍ ବଦଳାଇବାକୁ ଚାହୁଁଥିଲେ ରଙ୍ଗ ସହିତ ଖେଳନ୍ତୁ । କାନ୍ଥର ରଙ୍ଗ ବଦଳାଇବା ଦରକାର ନାହିଁ । କାଉଚର କୁଶନ୍ କଭରକୁ ମଧ୍ୟ ପରିବର୍ତ୍ତନ କରିପାରିବେ । ଫ୍ଲୋରାଲ, ହଳଦିଆ, ପିଙ୍କ୍, ନୀଳ ରଙ୍ଗରେ ସଜାଇପାରିବେ । ଧ୍ୟାନ ରଖିବେ ଯେ ଏହା ଯେମିତି କାନ୍ଥର ରଙ୍ଗ ସହିତ ମେଳ ଖାଉଥିବ ।





# ସମ୍ବଲପୁର ମଣ୍ଡଳର ଇଂଜିନିୟରିଂ ବିଭାଗ ଦ୍ୱାରା ସମୀକ୍ଷା ବୈଠକ

ସମ୍ବଲପୁର,୧୩।୧୦ (ନି.ପ୍ର): ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳର ଇଂଜିନିୟରିଂ ବିଭାଗ ଦ୍ୱାରା ୨୦୨୦-୨୧ ବର୍ଷ ପାଇଁ ବିଭାଗର ସମସ୍ତ କାର୍ଯ୍ୟ ଗୁଡ଼ିକର ଯୋଜନା ପାଇଁ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଅଛି । ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୋଭିଡ଼-୧୯ ସମୟରେ ଟ୍ରେନ୍ ଗୁଡ଼ିକର ସୁପରିଚାଳନା ପାଇଁ ଏବଂ ଇଂଜିନିୟରିଂ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧିକାରୀ ଓ ବରିଷ୍ଠ ସୁପରଭାଇଜର ମାନଙ୍କୁ ପ୍ରଶଂସା କରିଥିଲେ । ସେ ରେଳଧାରଣାର ସୁରକ୍ଷା ପ୍ରତି ଅଦ୍ଦିକ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ବରିଷ୍ଠ ମଣ୍ଡଳ ଇଂଜିନିୟର ଜୟନ୍ତ କୁମାର ଖମାରୀ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବରିଷ୍ଠ ମଣ୍ଡଳ ଇଂଜିନିୟର (ପୂର୍ବ) ଅରୁଣ କୁମାର ମହାରଣା, ମଣ୍ଡଳ ଇଂଜିନିୟର (ପଶ୍ଚିମ) ପଙ୍କଜ କୁମାର ନାଗୱାନି, ମଣ୍ଡଳ ଇଂଜିନିୟର (ମଧ) ସରୋଜ କାନ୍ତ ଦାସ ଏବଂ ସମସ୍ତ ସହାୟକ ଯନ୍ତ୍ରୀ ଓ ବରିଷ୍ଠ ସୁପରଭାଇଜର ମାନେ ଯୋଗଦାନ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ ।

# ବିଧବା ଭତା ପାଇବାରୁ ବଂଚିତ ଅଭିଯୋଗ

ନୂଆପଡା,୧୩।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ସରଧାପୁର ପଂଚାୟତର ଅଂଚଳପୁର ଗ୍ରାମର ଜଣେ ବିଧବା ମହିଳା ବିଧବା ଭତା ପଇବାରୁ ବଂଚିତ ଥିବା ଅଭିଯୋଗ କରିଛନ୍ତି । ଅଂଚଳପୁର ଗ୍ରାମର ବିଧବା ପଦ୍ମା ଦଣ୍ଡସେନା ଏନେଇ ଅଭିଯୋଗ କରି ତାଙ୍କୁ ତୁରନ୍ତ ବିଧବା ଭତା ଯୋଗାଇ ଦେବାକୁ ଦାବୀ କରିଛନ୍ତି । ଗତ ୧୧ ବର୍ଷ ତଳେ ତାଙ୍କ ସ୍ୱାମୀ ରାମନାଥ ଦଣ୍ଡସେନାଙ୍କର ମୃତ୍ୟୁ ଘଟିଥିଲା । ସେହି ଦିନ ଠାରୁ ବିଧବା ଭତା ସକାଶେ ଆବେଦନ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ । ଏନେଇ ପଂଚାୟତ ଠାରୁ ଅରମ୍ଭ କରି ବିଡିଓ, ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିଧବା ଭତା ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବୀ ଜଣାଇଛନ୍ତି ।

# କରୋନା ସଂକ୍ରମିତ ମାନୁ ନାହାଁନ୍ତି କଟକଣା

ପୁରୀ,୧୩।୧୦ (ନି.ପ୍ର): ପୁରୀ ଜିଲ୍ଲାରେ ବିଶେଷ କରି ବିଭିନ୍ନ ବ୍ଲକ୍ ଓ ସହରାଂଚଳ ମାନଙ୍କରେ କରୋନା ସଂକ୍ରମିତ ମାନେ କୋଭିଡ୍ କଟକଣା ମାନୁନଥିବା ପରିଲକ୍ଷିତ ହୋଇଛି । କ୍ୱାରେଂଟାଇନ, ହୋମ୍ ଆଇସୋଲେସନ୍ ବିଶେଷ କରି ମେଡ଼ିକାଲରୁ ସୁସ୍ଥ ହୋଇ ଫେରିଥିବା ବ୍ୟକ୍ତି ବିଶେଷ ମାନେ ଅଧିକାଂଶରେ ଏହାର ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳିଛି । ତେବେ ଏମାନଙ୍କୁ ଜଗିବାକୁ କେହି ନଥିବାରୁ ଆଗକୁ ସଂକ୍ରମଣର ସ୍ଥିତି ଜଟିଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଆଗକୁ ଶୀତ ଦିନ ଆସୁଥିବାରୁ ଏନେଇ ଅଧିକ ସତର୍କ ଓ ସଚେତନ ହେବା ବଦଳରେ ଅମାନିଆଙ୍କ ଖାମଖିଆଲି ଓ ବେପରୁଆ ମନୋଭାବ ଅନେକ ନିରୀହ ଜୀବନ ବି ନେଇପାରେ । ଏପରିକି ହୋମ୍ ଆଇସୋଲେସନରେ ରହୁଥିବା କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ କଟକଣାକୁ ଅଣଦେଖା କରି ଭୋରରୁ ଫୁଲ ତୋଳିବାକୁ ଯିବା, ମାଛ ମାର୍କେଟ, ପରିବା ହାଟ ପ୍ରଭୃତି ଓ ଜନ ଗହଳି ପୂର୍ଣ୍ଣ ବଜାରରେ ଧସେଇ ପଶି ସାମଗ୍ରୀ କିଣାକିଣି କରିବା ଓ ସାଧାରଣ ବ୍ୟକ୍ତିଙ୍କ ପରି ମିଳାମିଶା କରିବା ଦେଖା ଦେଇଛି । ଏହି ଘଟଣାକୁ ନେଇ କେତେକ ସ୍ଥାନରେ ଚାପା ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସଂପୃକ୍ତ ଅଂଚଳରେ ଭୂତାଣୁ ସଂକ୍ରମଣ ଗୁରୁତର ଅବସ୍ଥା ସୃଷ୍ଟିକରି ବହୁ ଲୋକଙ୍କୁ ଆକ୍ରାନ୍ତ କରିବ ବୋଲି ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏହିଭଳି ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ନାମାଙ୍କର ଦାଖଲ କଲେ ତିର୍ତୋଲରେ ବିଜେପି ପ୍ରାର୍ଥୀ ରାଜକିଶୋର ବେହେରା

ଭୁବନେଶ୍ୱର,୧୩।୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ତିର୍ତୋଲ ଉପ-ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ରାଜକିଶୋର ବେହେରା । ଶ୍ରୀ ବେହେରା ସୋମବାର ଦିନ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନ ଦାଖଲ କରିଛନ୍ତି । ପ୍ରଥମେ ସେ ମାଆ ଶାରଳାଙ୍କ ପୀଠରେ ଦେବୀଙ୍କ ଆଶୀର୍ବାଦ ନେଇଥିଲେ । କୋଭିଡ୍ କଟକଣା ଯୋଗୁଁ ସମ୍ପୂର୍ଣ୍ଣ ନିରାଡମ୍ବର ଭାବରେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ସମୟରେ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ଉପସ୍ଥିତ ଥିଲେ । ନାମାଙ୍କନ ଦାଖଲ ପରେ ସେ କହିଛନ୍ତି, ଏହି ଉପନିର୍ବାଚନରେ ବହୁ ସ୍ଥାନୀୟ ଓ ରାଜ୍ୟସ୍ତରୀୟ ପ୍ରସଙ୍ଗ ରହିଛି । ବହୁତ ଗୁଡ଼ିଏ ସମସ୍ୟା ବି ରହିଛି । ଯେଉଁମାନେ ବିଗତ ଦିନରେ ତିର୍ତୋଲର ନେତୃତ୍ୱ ଧରିଥିଲେ କୌଣସି ସମସ୍ୟା ଗୃହରେ ଉଠାଇ ନାହାନ୍ତି । କୌଣସି ସ୍ଥାନରେ ଦାବି ଉଠାଇ ନାହାନ୍ତି । ତେବେ ମୁଁ ନିର୍ବାଚିତ ହେଲେ ଶାରଳା ସୂତାକଳ ପୁଣି ଚାଲିବ । ଲୋକମାନେ ନିଯୁକ୍ତି ପାଇବେ । ଚାଷୀଙ୍କ ପାଇଁ ଜଳସେଚନ ଓ ନିଷ୍କାସନ ବ୍ୟବସ୍ଥା ହେବ । ବିଜେଡି ସରକାରର ବିଫଳତା ଓ ତିର୍ତୋଲ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢିବେ ବୋଲି କହିଛନ୍ତି ପ୍ରାର୍ଥୀ ରାଜକିଶୋର ବେହେରା । ଲୋକେ ବିଜେଡିର ମିଥ୍ୟା ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କରି ବିଜେପିକୁ ଭୋଟ ଦେବେ ଓ ବିଜେପି ବିଜୟୀ ହେବ ବୋଲି ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଗତକାଲି ବିଜେପି ରାଜକିଶୋର ବେହେରାଙ୍କୁ ତିର୍ତୋଲ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା ।

# ରାମ ମନୋହର ଲୋହିଆଙ୍କ ୫୩ତମ ମହାପ୍ରୟାଣ ଦିବସରେ ସମାଜବାଦୀ ପାର୍ଟିର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୩।୧୦ (ନି.ପ୍ର): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସମାଜବାଦ ଓ ସାମାଜିକ ନ୍ୟାୟର ଅଗ୍ରଦୂତ ସ୍ୱାଧୀନୋ ର ଭାରତ ବର୍ଷରେ ଏକଛତ୍ରବାଦ ଓ ଭ୍ରଷ୍ଟାଚାରୀ ସଂଗ୍ରାମର ମହାନାୟକ ଡକ୍ଟର ରାମ ମନୋହର ଲୋହିଆଙ୍କ ୫୩ତମ ମହାପ୍ରୟାଣ ଦିବସରେ ସମପାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନିର୍ଦ୍ଦେଶରେ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ସଂଜୟ ନାୟକ, ଅନନ୍ତ ମହାନ୍ତି, ରାଜ୍ୟପ୍ରିୟ ଦାସ, ରାମକୃଷ୍ଣ କର, ନରେଶ ବେହେରା,ଗଣେଶ୍ୱର ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇ ଡକ୍ଟର ଲୋହିଆଙ୍କ ସ୍ୱପ୍ନର ଭାରତ ବର୍ଷ 'ରୋଟି କପଡ଼ା ଶସ୍ତି ହୋଗୀ ପଢା, ଦବା ମୋଫତି ହୋଗୀ' ଆଜି ମଧ ଅଧୁରା ରହିଛି । ଡାଲି, ତେଲ, ଚାଉଳ, ଆଳୁ, ପିଆଜ ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ବସ୍ତ୍ର ପ୍ରଭୃତି ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି । ସେହିଭଳି ଏ ଦେଶରେ ସ୍କୁଲ୍ ଶିକ୍ଷାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସବୁର ବ୍ୟବସାୟୀକରଣ ଓ ସାମ୍ପ୍ରଦାୟିକ କରଣ ହୋଇଚାଲିଛି । ଆଜିବି ଚିକିତ୍ସା ନ ପାଇ କିମ୍ବା ଆମ୍ବୁଲାନ୍ସ ସୁବିଧା ନ ପାଇ ମଧପ୍ରଦେଶର ଗରିବ ରୋଗୀ ଶଗଡ଼ରେ ଟଣାହୋଇ ଡାକ୍ତରଖାନା ଯିବାବେଳେ ଓଡ଼ିଶାର ସତ୍ୟବାଦୀର ରୋଗୀ ଟ୍ରଲି ରିକ୍ସାରେ ଡାକ୍ତରଖାନା ଯାଇ ପ୍ରାଣ ହରାଉଛି । ଏସବୁ ଦୟନୀୟ ଦୃଶ୍ୟ ଦେଖିଲେ ଲୋହିଆଙ୍କ ଆଦର୍ଶ ଚିନ୍ତା ଓ ଚେତନା କେତେ ପ୍ରାସଙ୍ଗିକ ତାହା ଜଣାପଡ଼େ । ଆଜିର ରାଜନୈତିକ ଦଳ ଓ ଯୁବ ସମାଜ ଲୋହିଆ ସମାଜବାଦରେ ଦୀକ୍ଷିତ ହୋଇ ଗରିବ ଶୋଷିତ ମେହନତୀ ମଣିଷର ସଂଗ୍ରାମକୁ ଶକ୍ତିଶାଳୀ କଲେ ସମାଜବାଦର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି । ଶେଷରେ ଯୁବନେତା ଦେବାଶିଷ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲି ଘାଟ ନିଲାମ ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା,୧୩।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ତଳକୁସୁମା ଘାଟରୁ ବେଆଇନ ବାଲି ଉଠାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏନେଇ ସୋମବାର ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ମୁତାବକ ଏହି ଗ୍ରାମରେ ଥିବା ପର୍ଯଟନ ସ୍ଥଳୀ ବ୍ରଜ ଗଦାଧର ଗୋସ୍ୱାମୀ ନିକଟ ନଦୀବନ୍ଧରୁ ଦୈନିକ ଶହ ଶହ ଟ୍ରାକ୍ଟର, ଟ୍ରକ ଯୋଗେ ଚୋରାରେ ବାଲି ଉଠାଣ କରାଯାଉ ଥିବାରୁ ଏହି ରାସ୍ତା ଓ ପର୍ଯ୍ୟଟନ ସ୍ଥଳୀ ସଂପୂର୍ଣ୍ଣ ବିପଦ ସଂକୁଳ ହୋଇପଡିଛି । ଏଭଳି ବେଆଇନ ବାଲି ଚାଲାଣକୁ ତୁରନ୍ତ ବନ୍ଦ କରାନଗଲେ ଚଳିତ ମାସ ୨୮ ତାରିଖ ଠାରୁ ଗ୍ରାମବାସୀ ମାନେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ସ୍ଥାନୀୟ ସରପଂଚ ମମତା ନାୟକ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ସାନ ଅଡଙ୍ଗା ସରପଂଚ ସ୍ୱର୍ଣ୍ଣପ୍ରଭା ନାୟକ, ସମିତି ସଭ୍ୟ ନୃସିଙ୍ଘ ପ୍ରସାଦ ଦାସ, ପ୍ରଦିପ ସେଠୀ, ସୁଭେନ୍ଦୁ ମହାନ୍ତି ପ୍ରମୁଖ ଦାବି ପତ୍ର ପ୍ରଦାନ କରିଥିଲେ ।

# ପରୀ ଅପହରଣ ଓ ମୃତ୍ୟୁ ଘଟଣାରେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ନୟାଗଡ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ନାବାଳିକା ପରୀର ଅପହରଣ ଓ ମୃତ୍ୟୁ ଘଟଣାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ବିଧାୟକ ବିପିନ୍ ଦାସଙ୍କ ନେତୃତ୍ୱରେ ଏକ ୬ ଜଣିଆ ପ୍ରତିନିଧି ଦଳ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରଦେଶ କଂଗ୍ରେସ ପକ୍ଷରୁ ମୁଖପାତ୍ର ତଥା ଆଇନଜୀବୀ ନିଶିକାନ୍ତ ମିଶ୍ର ଏକ ଲିଖିତ ଆବେଦନରେ ଉଲ୍ଲେଖ କରିଛନ୍ତି ଯେ ଅଭିଯୋଗ ପାଇବା ପରେ ଯଦି ନୟାଗଡ ସଦର ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା, ହୁଏତ ନାବାଳିକା କନ୍ୟାର ଜୀବନଟି ବଂଚି ପାରିଥାନ୍ତା । ସରକାରୀ ଦଳର ରାଜନୈତିକ ସଂପୃକ୍ତିର ସୂଚନା ଦେଉଛି ବୋଲି ଅଭିଯୋଗ କରିବା ସହିତ ଏଥିରେ ପୋଲିସ ମହାନିର୍ଦ୍ଦେଶକ ଏବଂ ଗୃହ ସଚିବ ତୁରନ୍ତ ଜବାବ ରଖିବା ସହିତ ପରିବାରବର୍ଗଙ୍କୁ ସୁରକ୍ଷା ଓ କ୍ଷତିପୂରଣ ଦେବା ପାଇଁ ପ୍ରାର୍ଥନା କରାଯାଇଅଛି । ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧରେ ପ୍ରଶାନ୍ତ ଶତପଥି, ସପନ କୁମାର ପାଳ, ବିନ୍ଦୁଜା ଉପାଧାୟ, ମାହିପର୍ ନିଖତ ପ୍ରମୁଖ ଉପସ୍ଥିତ ଥିଲେ । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜୁଲାଇ ୧୪ ତାରିଖରେ ପରୀର ଅପହରଣ ସଂପର୍କରେ ପରିବାର ପକ୍ଷରୁ ନୟାଗଡ ସଦର ଥାନାରେ ଅଭିଯୋଗ କରାଯାଇଥିଲା । ଠିକ୍ ୭ ଦିନ ପରେ ସେହି ଗାଁର ତାଙ୍କ ଘର ନିକଟରେ ଥିବା ଏକ ପୋଖରୀରୁ ଅଖାରେ ବନ୍ଧା ହୋଇଥିବା ପରୀର ଗଳିତ ଶବ ପୋଲିସ ଉଦ୍ଧାର କରିଥିଲା ଏବଂ ଘଟଣା ଘଟିକାକୁ ପାଖାପାଖି ୩ ମାସ ବିତିଯାଇଛି ।

# କେନ୍ଦୁଝର ସଦର ରେଞ୍ଜକୁ ଧସେଇ ପସିଲେ ଝାରଖଣ୍ଡି ହାତୀ ପଲ : ଏକାଧିକ ଗାଁରେ ସୃଷ୍ଟି କଲେ ଆତଙ୍କରାଜ

କେନ୍ଦୁଝର,୧୩।୧୦ (ନି.ପ୍ର): କେନ୍ଦୁଝରର ସଦର ରେଞ୍ଜକୁ ଧସେଇ ପଶିଛନ୍ତି ୧୩ ଟିକିଆ ଝାରଖଣ୍ଡି ହାତୀ ପଲ । ଏହି ହାତୀ ପଲରେ ଅଛନ୍ତି ଚାରୋଟି ଦନ୍ତା, ୬ ଟି ମାଈ ହାତୀ ସହ ତିନୋଟି ଛୋଟ ଛୁଆ ହାତୀ । ରବିବାର ରାତିରେ ଏହି ହାତୀ ପଲ ସଦର ରେଞ୍ଜ୍ ଅନ୍ତର୍ଗତ କେରୀ, ହରିହରପୁର, ଡାବରଚୁଆ ଆଦି ଗାଁ ର ବିଲ ଭିତରକୁ ଧସେଇ ପଶି ଏକର ଏକର ବିଲର ଧାନ ଓ ପନିପରିବା ଫସଲ ଖାଇ ଯିବା ସହ ପାଦରେ ଦଳି ଚକଟି ବ୍ୟାପକ ଫସଲ ନଷ୍ଟ କରିଛନ୍ତି । ବନ ବିଭାଗ ପକ୍ଷରୁ ଏହି ହାତୀ ପଲ ଉପରେ କଡ଼ା ନଜର ରଖାଯାଇଥିବା କୁହାଯାଇଥିଲେ ମଧ ହାତୀ ପଲଙ୍କର ଫସଲ ନଷ୍ଟ କରବା ପ୍ରକ୍ରିୟା ଜାରି ରହିଛି । ବିଭାଗୀୟ କର୍ମଚାରୀ ଓ ଗାଁ ଲୋକେ ହାତୀ ଘଉଡାଇବାକୁ ଚେଷ୍ଟା କରି ସୁଦ୍ଧା ବିଫଳ ହୋଇଛନ୍ତି । ହାତୀ ପଲଙ୍କୁ ତଡିବା ବେଳେ ଅନେକ ସମୟରେ ହାତୀମାନେ ମଧ ହିଂସ୍ର ହୋଇ ଉଠୁଥିବା ବେଳେ ଲୋକଙ୍କୁ ଗୋଡାଇ ଆକ୍ରମଣ କରୁଛନ୍ତି । ଏହି ଝାଡଖଣ୍ଡି ହାତୀ ପଲ ଏବେ ବେଲଦା ଜଙ୍ଗଲରେ ଡେରା ପକାଇଛନ୍ତି । ଫଳରେ ଏହାର ଆଖପାଖ ଗାଁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏହି ଝାରଖଣ୍ଡି ହାତୀ ପଲ ଗତ କିଛି ଦିନ ହେବ ଚମ୍ପୁଆ ଓ ପାଟଣା ରେଞ୍ଜ୍ ର ବିଭିନ୍ନ ଗାଁ ରେ ପଶି ଆତଙ୍କ ଖେଳାଉଥିଲେ ଏବଂ ଏବେ ଗତ କିଛି ଦିନ ହେବ ସଦର ରେଞ୍ଜ ମଧକୁ ଧସେଇ ପଶି ଆତଙ୍କରାଜ ସୃଷ୍ଟି କରି ଚାଲିଛନ୍ତି । ସେପଟେ ବନ ବିଭାଗ ପକ୍ଷରୁ ହାତୀ ପଲଙ୍କ ଉପରେ କଡ଼ା ନଜର ରଖାଯାଇ ହାତୀ ପଲଙ୍କୁ ଗ୍ରାମ ଠାରୁ ଦୂରେଇ ରଖିବାକୁ ଚେଷ୍ଟା ଜାରି ରହିଛି । ତା ସହ ଗ୍ରାମାଂଚଳ ଲୋକ ମାନେ ହାତୀ ମାନଙ୍କ ଉପରକୁ ଟେକା ପଥର ମାରି ସେମାନଙ୍କୁ ଉତେଜିତ ନ କରିବାକୁ ବନ ବିଭାଗ ଲୋକଙ୍କୁ ପରାମର୍ଶ ଦେବା ସହ ସଚେତନ ମଧ କରୁଛି ।

# ରାୟଗଡ଼ାର ପ୍ରଦୀପ ବାବୁଙ୍କ ଚମତ୍କାର କଳା, ନିଶାରେ ଜଣେ ସାପ ଧରାଳି, ଆହତ ସାପର କରନ୍ତି ଚିକିତ୍ସା

## ଡିସ୍କୋଭେରୀ ଚ୍ୟାନେଲରୁ ଶିଖିଛନ୍ତି, ଜଙ୍ଗଲ ବିଭାଗର ସହଯୋଗ ମିଳୁନି




ରାୟଗଡ଼ା,୧୩।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ରହନ୍ତି ପ୍ରଦୀପ କୁମାର ସେନାପତି, ବୃତ୍ତିରେ ଜଣେ ଅଟୋ ଚାଳକ, କିନ୍ତୁ ତାଙ୍କ ଶକ୍ତି ଓ ଭାବନା ପାଇଁ ଆଜି ସେ ସମସ୍ତଙ୍କ ପାଖରେ ପରିଚିତ । ସାପକୁ କିଏବା ନଡରେ, ହେଲେ ଏଭଳି ଏକ ମଣିଷ ଯିଏକି ପେଷାରେ ସେ ଜଣେ ଅଟୋ ଡ୍ରାଇଭର ହୋଇଥିବା ବେଳେ ନିଶା କିନ୍ତୁ ବିଷଧର ସାପ ଧରିବା । ସେ ହେଲେ ରାୟଗଡା ସହରର ରାଣିଗୁଡା ଫାର୍ମରେ ରହୁଥିବା ପ୍ରଦୀପ କୁମାର ସେନାପତି । ସାଙ୍ଘାତିକ କଳା ବିଷଧର ସର୍ପଙ୍କୁ କାବୁ କରିବାରେ ସେ ଏକଦମ ମାହିର । ସେ ନିର୍ଭୟରେ ଧରନ୍ତି ବହୁତ୍ ବଡ଼ ବଡ ସାପକୁ । ଦେଖଣହାରୀ ଭୟଭୀତ ହୋଇ କୋଷେ ଦୂରରେ ଛିଡା ହେଉଥିବା ବେଳେ ତାଙ୍କ ମନରେ ଟିକେ ଭୟ ନାହିଁ । ସତେ ଯେମିତି ପ୍ରୋଷିତ ସାପୁଆ କେଳା । ଆଉ ଗଦ ଶୁଙ୍ଘାଇ କରାୟତ କରୁଛନ୍ତି ଏହି ସମସ୍ତ ସର୍ପକୁ । ହେଲେ ଏହା ଆମର ଭ୍ରାନ୍ତ ଧାରଣା । ପେଶା ତାଙ୍କର ଅଟୋ ଚଳାଇବା ହେଲେ ନିଶା ତାଙ୍କର ସାପ ଧରା । ଅଟୋ ନଚଲେଇଲେ ଘରେ ଚୁଲି ଲାଗେନି । କିନ୍ତୁ ଘରର ଏଭଳି ସ୍ଥିତିରେ ଯଦି ଆଖପାଖ ଅଞ୍ଚଳରୁ ସାପଟିଏ ଥିବା ଖବର ମିଳେ ସେ ପେଟପାଟଣା ଭୁଲି ଦଉଡି ଯାନ୍ତି ସାପ ଧରିବାକୁ । ଛାତ ଠୁ ଆରମ୍ଭ କରି ବଣ ବୁଦା ସବୁଠି ଚଢି ଯାଆନ୍ତି । ଏଥିରେ ତାଙ୍କୁ କେହି ପାରିଶ୍ରମିକ ଦିଅନ୍ତି ନାହିଁ । ବରଂ ଆତ୍ମସନ୍ତୋଷ ମିଳିଥାଏ ବୋଲି କୁହନ୍ତି ରାୟଗଡାର ଏହି ପ୍ରୋଖିତ ସାପ ଧରାଳି ପ୍ରଦୀପ କୁମାର ସେନାପତି । ସାପ ଧରିବାକୁ ସେ କେଉଁଠାରୁ ତାଲିମ ନେଇ ନାହାନ୍ତି ବରଂ ନିଜର ଇଛାଶକ୍ତି ସହ ଡିସ୍କୋଭରି ଚ୍ୟାନେଲ ଦେଖି ସେ ସାପ ଧରିବା କୌଶଳ ଶିଖିଥିବା କହିଛନ୍ତି । ଏହି ନିଆରା ମଣିଷ ବିଗତ ୫ ବର୍ଷ ମଧରେ ୨୦୦୦ରୁ ଉର୍ଦ୍ଧ ବିଷଧର ସାପ ଧରି ଅଞ୍ଚଳରେ ଚର୍ଚ୍ଚାକୁ ଆସିଛନ୍ତି । ସବୁଠାରୁ ବଡକଥା ଗତ ସପ୍ତାହ ତଳେ ଏକ ଆହତ ଗୋଖର ନାଗ ସାପକୁ ଚିକିତ୍ସା କରି ତାକୁ ନିଜ ପରିବାର ସହ ରଖି ଭଲହେବା ପରେ ଜଙ୍ଗଲରେ ଛାଡିଛନ୍ତି । ଯାହା ତାଙ୍କ ସାପ ପ୍ରେମର ବଳିଷ୍ଠ ଉଦାହରଣ ଦେଖାଉଛି । କେବଳ ସତିକି ନୁହେଁ ଗତ ବର୍ଷ ୨୦ ଫୁଟର ଅହିରାଜ ସାପକୁ କାବୁକରି ପ୍ରଦୀପ ଏକ ପରିବାରକୁ ବଞ୍ଚାଇଥିବା ବେଳେ ସାପଟିକୁ ଅକ୍ଷତ ଭାବେ ସୁରକ୍ଷିତରେ ଜଙ୍ଗଲରେ ଛାଡି ଜିଲ୍ଲା ପ୍ରଶାସନର ବାହାବାହା ସାଉଣ୍ଟିଛନ୍ତି । ହେଲେ ଯେଉଁ ବିଭାଗର ଦାଇତ୍ୱ ସେହି ବିଭାଗର ଅଣଦେଖାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପ୍ରଦୀପ । ବିଭିନ୍ନ ସମୟରେ ସାପ ଧରି ଜଙ୍ଗଲ ବିଭାଗକୁ ଖବର ଦେଲେ ସାପଟିକୁ ସୁରକ୍ଷିତରେ ଛାଡିବାପାଇଁ ସହାୟତା କରୁନଥିବା ପ୍ରଦୀପ ଅଭିଯୋଗ କରିଛନ୍ତି । ତେବେ ଏନେଇ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ସମ୍ଭବ ହୋଇ ପାରିନାହିଁ ।

# ସିଏଜି ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ବିଜେପିର ଟାର୍ଗେଟ୍ : ଟିକସଦାତାଙ୍କ ଅର୍ଥକୁ ଆତ୍ମସାତ୍ କରିଛନ୍ତି ରାଜ୍ୟସରକାର

ଭୁବନେଶ୍ୱର,୧୩।୧୦ (ନି.ପ୍ର): ରାଜ୍ୟସରକାର ବିଭିନ୍ନ ବିଭାଗର ଅର୍ଥକୁ ହେରଫେର କରିଛନ୍ତି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରିବାରେ ବିଳମ୍ବ ହୋଇଥିବାରୁ ୨୦୧୬-୧୭ ଏବଂ ୨୦୧୮-୧୯ରେ ୪୫,୩୪୦ କୋଟି ଟଙ୍କାର ୨୯,୧୩୮ କୋଟି ଟଙ୍କାର ୟୁସି ବାକି ପଡିଛି । ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଅଡିଟ ବେଳେ ସିଏଜି ୯୬୪ କୋଟି ୩୩ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ଚୋରି, ତୋଷାରପାତ, ଅପବ୍ୟବହାର ଭଳି ଗୁରୁତର ଅନିୟମିତତା ହୋଇଛି ବୋଲି ଦର୍ଶାଇଛନ୍ତି । ସିଏଜି ରିପୋର୍ଟ ରାଜ୍ୟସରକାରଙ୍କ ଅସଲ ମୁଖା ଖୋଲିଦେଇଛି । ରାଜ୍ୟର ଟିକସଦାତାଙ୍କ ଅର୍ଥକୁ ରାଜ୍ୟସରକାର ଆତ୍ମସାତ୍ କରି ଚାଲିଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜସ୍ୱ ବିପର୍ଯ୍ୟୟ ବିଭାଗରେ ସର୍ବାଧିକ ୨୪୪.୮୩ କୋଟି, ଗ୍ରାମଉନ୍ନୟନରେ ୧୧୫.୮୬ କୋଟି, ପଂଚାୟତିରାଜରେ ୧୬୦.୯୫ କୋଟି, ନଗର ଉନ୍ନୟନ ବିଭାଗର ୭୯.୮୬ କୋଟି, ଗୃହ ବିଭାଗର ୮୬.୦୭ କୋଟି ଟଙ୍କାର ହିସାବ ରାଜ୍ୟସରକାର ଦେଇନାହାଁନ୍ତି । ୨୦୧୭ ଫେବୃଆରୀରୁ ୨୦୧୮ ଜୁଲାଇ ମଧରେ ହୋଇଥିବା ଅଡିଟ୍ ବେଳେ ୭ଟି ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ ଦ୍ୱାରା ଖର୍ଚ୍ଚ ହୋଇଥିବା ୧୭.୦୩ କୋଟି ଟଙ୍କାର ଭାଉଚର ଉପଲବ୍ଧ କରାଯାଇପାରିନଥିଲା । କେବଳ ସେତିକି ନୁହେଁ ଗରିବ ଲୋକଙ୍କୁ ବାର୍ଦ୍ଧକ୍ୟ ଭତା ବଂଟନ ଆଳରେ ଅନେକ ଅର୍ଥ ଆତ୍ମସାତ କରାଯାଇଛି । ପରୀକ୍ଷାମୂଳକଭାବେ ୯ଟି ପଂଚାୟତ ସମିତିରେ ମଧୁବାବୁ ପେନସନ ଯୋଜନାରେ ୭୨ଟି ଗାଁର ୧୫୦ଜଣ ମୃତ ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତାକୁ ଆତ୍ମସାତ୍ କରାଯାଇଛି । ଏନେଇ ୨୦୧୮ ଜୁନ୍ ଓ ସେପ୍ଟେମ୍ବର ମାସରେ ପଂଚାୟତରାଜ ସଚିବଙ୍କୁ ଜବାବ ମଗାଯାଇଥିଲେ ମଧ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ଉତର ମିଳିନିଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଭଦ୍ରକ, ବୋଲଗଡ, ଚିଲିକା, କୁଆଁରମୁଣ୍ଡା, କୁଜଙ୍ଗ, ସୁନ୍ଦରଗଡର ନୂଆଗାଁ, ଓଡଗାଁ, ପାଟଣାଗଡ ଓ ସାନଖେମୁଣ୍ଡି ବ୍ଲକର ୧୯ଟି ପଂଚାୟତର ୧୫୪୯୭ ଜଣ ହିତାଧିକାରୀଙ୍କ ରେକର୍ଡକୁ ଯାଂଚ ବେଳେ ୭୨ଟି ଗାଁର ୧୫୦ ଜଣ ମୃତ ହିତାଧିକାରୀଙ୍କ ଭତାବାବଦ ୨.୭୯ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଜଣାପଡିଛି । ହିତାଧିକାରୀଙ୍କ ମୃତ୍ୟୁ ପରେ ବିତରଣ ଅଧିକାରୀମାନେ ବିତରଣ ପୁସ୍ତିକାରେ ଅନ୍ୟ ଲୋକଙ୍କ ଆଙ୍ଗୁଠି ଛାପ ନେଇ ଭତା ବଂଟନ କରୁଛନ୍ତି । ପଂଚାୟତରାଜ ଓ ପାନୀୟ ଜଳ ବିଭାଗରେ ଆବଂଟନ ନିୟନ୍ତ୍ରଣ ବ୍ୟାଙ୍କ ଖାତା ସହ କ୍ୟାସ ବହିର ମେଳ ନହେବା ଫଳରେ ୧ କୋଟି ୩ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି । ଜମି ଉପଲବ୍ଧତାକୁ ସୁନିଶ୍ଚିତ ନକରି ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ହେବା ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୫ କୋଟି ୩୧ଲକ୍ଷ ଟଙ୍କା ଅଯଥାରେ ବ୍ୟୟ ହୋଇଛି । ସେହିପରି ମଦ ଲାଇସେନ୍ସ ବାବଦରେ ଲାଇସେନ୍ସଧାରୀଙ୍କ ଠାରୁ ୧୦.୨୩ କୋଟିର ଅବକାରୀ ଶୁଳ୍କ ଆଦାୟ କରାଯାଇନାହିଁ । ନୂଆପଡା ଜିଲ୍ଲାର ରେଣ୍ୱର ପଂଚାୟତର ପୂର୍ବତନ ସରପଂଚ ଓ ପଂଚାୟତ ନିର୍ବାହୀ ଅଧିକାରୀ ମିଶି ୩ ଲକ୍ଷ ଟଙ୍କାର ଭତା ଟଙ୍କା ହେରଫେର କରିଛନ୍ତି । ନୂଆପଡା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ବରିଷ୍ଠ କିରାଣୀ ଓ ପିଅନ ୭ଟି ବ୍ୟାଙ୍କ ଖାତାରୁ ଏକ କୋଟିରୁ ଅଧିକ ଟଙ୍କା ଆତ୍ମସାତ କରାଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଜଳସଂପଦ ବିଭାଗରେ ଜଳର ଉପଲବ୍ଧତା ସୁନିଶ୍ଚିତ ନକରି ପ୍ରକଳ୍ପ କାର୍ଯ୍ୟ ସଂପାଦନ କରାଯିବା ଫଳରେ ୩୩.୨୨ କୋଟିର ବ୍ୟୟ ନିଷ୍ଫଳ ହୋଇଛି । କୋଇଲା ଦେୟ ମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ ୧୧୨.୨୬ କୋଟିର କ୍ଷତି ହୋଇଛି । ପଣ୍ୟ ବହି ଏବଂ ଚୁକ୍ତିଭିତିକ ଯାନ କର ଏବଂ ଅତିରିକ୍ତ କର ବାବଦକୁ ୨୬ କୋଟି ୭୪ ଲକ୍ଷ ଏବଂ ଜରିମନା ବାବଦକୁ ୫୩ କୋଟି ୪୮ଲକ୍ଷ ଆଦାୟ ହୋଇନାହିଁ । ୨୦୧୭-୧୮ ବର୍ଷରେ ରାଜ୍ୟସରକାର ୩୬,୨୮୧.୭୯କୋଟି ଟଙ୍କା ସଂଗୃହିତ ରାଜସ୍ୱରୁ ୪୮,୮୯୨ କୋଟି କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ତ କରିଛନ୍ତି ଅର୍ଥାତ ଏହି ବର୍ଷରେ ରାଜ୍ୟସରକାରଙ୍କ ମୋଟ ରାଜସ୍ୱ ପ୍ରାପ୍ତି ୮୫,୧୭୩.୭୯ କୋଟି ଟଙ୍କା । ମୋଟ ରାଜସ୍ୱର ରାଜ୍ୟସରକାରଙ୍କ ଭାଗ ୪୨.୬୦ ହୋଇଥିବାବେଳେ କେନ୍ଦ୍ରସରକାରଙ୍କ ଭାଗ ୫୭.୪୦ ପ୍ରତିଶତ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# ଯୁବାବସ୍ଥାରୁ ବାଲ୍ୟ ବିବାହ ପର୍ଯ୍ୟନ୍ତ ଝିଅ ମାନଙ୍କର ପରିବର୍ତନ ସମ୍ବନ୍ଧୀୟ ଭର୍ଚୁଆଲ ସମ୍ମିଳନୀ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ଉତ୍କଳ ବିଶ୍ୱ ବିଦ୍ୟାଳୟର ସହଯୋଗରେ ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବରେ କିଶୋର ବାଳିକା ମାନଙ୍କୁ ଗୁରୁତ୍ୱ ଦେଇ ବାଳିକା ମାନଙ୍କ ଯୁବାବସ୍ଥାରୁ ବୟସ୍କତାକୁ ନେଇ ଦୁଇ ଦିନିଆ ଭର୍ଚୁଆଲ କନଫରେନ୍ସ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀ ବିଭିନ୍ନ ହିତାଧିକାରୀଙ୍କ ଦ୍ୱାରା ସାମୂହିକ ମାନସ ମନ୍ଥନ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା । ବାଳିକା ଶିଶୁର ଯୁବାବସ୍ଥାରୁ ସଫଳତାର ପରିବର୍ତନ ପାଇଁ ସକ୍ଷମ ଓ ଅକ୍ଷମତା ଉପରେ ଆଲୋଚନା କରାଯାଇଥିଲା । ମହାମାରୀ ସମୟରେ ଦେଖାଦେଇଥିବା ଆହ୍ୱାନ ଏବଂ ସୁଯୋଗ ଉପରେ ଏକ ବିଶେଷ ଧ୍ୟାନ ଦିଆଯିବା ସହିତ ଆବଶ୍ୟକତା ଥିବା କିଶୋରୀ ବାଳିକା ମାନଙ୍କ ପାଇଁ ସମାଧାନର ବାଟ ମଧ ନିରୂପଣ କରାଯାଇଥିଲା ।

# ଆମ ପୁଲିସ ସମିତି ବୈଠକ

କୋରେଇ,୧୩।୧୦ (ନି.ପ୍ର): ପାଣିକୋଇଲି ଥାନା ପରିସରରେ ଆଜି ଅପରାହ୍ନରେ ଆମ ପୁଲିସ ସମିତି ବୈଠକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ସସ୍ମିତା ସାହୁଙ୍କ ପ୍ରଥମ ବୈଠକ ହୋଇଥିବାରୁ ପରିଚୟ ପ୍ରଦାନ ଓ ଥାନାଧିକାରୀଙ୍କୁ ସ୍ୱାଗତ ଓ ତାଙ୍କ ପକ୍ଷରୁ କମିଟି ସଦସ୍ୟ ମାନଙ୍କୁ ସ୍ୱାଗତ କରାଯାଇଥିଲା । କୋଭିଡ ମୁକାବିଲା କ୍ଷେତ୍ରରେ ପାଣିକୋଇଲି ପୁଲିସର କାର୍ଯ୍ୟଦକ୍ଷତା ଓ ଆମ ପୁଲିସ ସମିତି ସଦସ୍ୟଙ୍କ ଭୂମିକା ସର୍ମ୍ପକରେ ଆଲୋଚନା କରାଯାଇଥିଲା । ପାର୍ବଣ ଋତୁ ଆରମ୍ଭ ହେବାକୁ ଥିବାରୁ ସମସ୍ତଙ୍କୁ ନିଜେ ସଚେତନତା ରହିବା ସହ ଅନ୍ୟ ମାନଙ୍କୁ ସଚେତନ କରିବା, ମାସ୍କ ପିନ୍ଧିବା, ସମାଜିକ ଦୂରତା ବଜାୟ ରଖିବା ସର୍ମ୍ପକରେ ଆଲୋଚନା କରାଯାଇଥିଲା । ବିଶେଷ କରି ପାଣିକୋଇଲି ଟ୍ରାଫିକ ସମସ୍ୟା, ଜାତୀୟ ରାଜପଥ ଆମ୍ବୁଲାନ୍ସକୁ ପୁନଃ କାର୍ଯ୍ୟକ୍ଷମ କରିବା ଓ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ସହଯୋଗ କାମନା କରିଥିଲେ ଶ୍ରୀମତୀ ସାହୁ । କେଭାଡି କଟକଣା ମଧ୍ୟରେ ଯାହା ସମ୍ଭବ ହେବା ସେଭଳି କାର୍ଯ୍ୟକ୍ରମ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଦୈତ ଚରଣ ଦାସ, ନୃସିଂହ ଚରଣ ଦଳାଇ, ରାମ ଚନ୍ଦ୍ର ବେହେରା, ତାରିଣୀ ପଟ୍ଟନାୟକ, ପ୍ରଫୁଲ୍ଲ ଦାସ, ଅକ୍ଷୟ କୁମାର ଜେନା, ଶଶିକାନ୍ତ ମଲିକ, ସେକ ବାବୁ, ଦୋଳଗୋବିନ୍ଦ ସେଠୀ, ଅଶୋକ ସାହୁ, ଦେବକୀ ମୁଣ୍ଡା ପ୍ରମୁଖ ଆଲୋଚନାରେ ଗ୍ରହଣ କରିଥିଲେ ।

# ବାଲେଶ୍ୱରରେ ଭର୍ଚୁଆଲ ସୁନାମି ମକଡ୍ରିଲ




ବାଲେଶ୍ୱର,୧୩।୧୦ (ନି.ପ୍ର): ଇଣ୍ଡିଆନ ନ୍ୟାସନାଲ ସେଂଟର ଫର ଓସେନ ଇନଫରମେସନ ସର୍ଭିସେସ (ଇନକଏସ), ହାଇଦ୍ରାବାଦ ଆନୁକଲ୍ୟରେ ଏକ ଭର୍ଚୁଆଲ ସୁନାମୀ ମକଡ୍ରିଲ ଆଜି ବାଲେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ସୁନାମୀ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତିର ତର୍ଜମା କରିବା ଲକ୍ଷ୍ୟ ନେଇ ଏହି ମକଡ୍ରିଲ ଆୟୋଜିତ ହୋଇଥିଲା । ଏହି ମକଡ୍ରିଲରେ ବାଲେଶ୍ୱର ଜିଲ୍ଲାର ୫ଟି ଉପକୂଳବର୍ତ୍ତୀ ବ୍ଲକ, ବାହାନଗା, ବାଲିଆପାଳ, ଭୋଗରାଇ, ରେମୁଣା ଓ ବାଲେଶ୍ୱର ସଦରର ୬୩ଟି ସୁନାମୀ ବିପଦସଙ୍କୁଳ ଗ୍ରାମର ବିପର୍ଯ୍ୟୟ କମିଟି ସଦସ୍ୟମାନଙ୍କ ସହିତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ସମ୍ଭାବ୍ୟ ସୁନାମୀ ପାଇଁ ସତର୍କ ରହିବା ସହିତ ଏଥି ନିମନ୍ତେ ଜନସଚେତନତା ସୃଷ୍ଟି କରିବା, ଜରୁରୀ ଯୋଗାଯୋଗ ବ୍ୟବସ୍ଥାକୁ ସଶକ୍ତ କରିବା, ଉପଯୁକ୍ତ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରିବା ତଥା ତଲାସୀ ଅଭିଯାନ ଏବଂ ଉଦ୍ଧାର କାର୍ଯ୍ୟକୁ ଉପଯୁକ୍ତ ଢଙ୍ଗରେ ପରିଚାଳନା କରିବା ଉପରେ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଭିଡିଓ କନଫରେନ୍ସିଂ ଜରିଆରେ ସୂଚନା ଦେଇଥିଲେ । ସୁନାମୀର କାରଣ ଏବଂ ଏହି ସମୟରେ ସୃଷ୍ଟି ହେଉଥିବା ଉଚ୍ଚ ଜୁଆର ଯୋଗୁଁ ବ୍ୟାପକ କ୍ଷୟକ୍ଷତିର ଆଶଙ୍କା ଥିବା ବେଳେ ଉପଯୁକ୍ତ ପ୍ରସ୍ତୁତି ଦ୍ୱାରା ହିଁ ଧନଜୀବନ ହାନୀକୁ ରୋକାଯାଇପାରିବ ବୋଲି ଶ୍ରୀ ଜେନା କହିଥିଲେ । ବାଲେଶ୍ୱର ଜିଲ୍ଲାର ୫ଟି ଉପକୂଳବର୍ତ୍ତୀ ବ୍ଲକରେ ଥିବା ୨୮ଗୋଟି ସାଇରନ ଟାୱାର ମଧ୍ୟରୁ ୧୮ଗୋଟି ଟାୱାରରେ ସାଇରନ ବଜାଯାଇ ଜନସାଧାରଣଙ୍କୁ ସତର୍କ କରାଯାଇଥିଲା । ଏହି ଅବସରରେ ଇଣ୍ଡିଆନ ଓସେନ ସୁନାମୀ ରେଡି ଭିଲେଜ ଭାବେ ଚୟନ କରାଯାଇଥିବା "ଜୟଦେବକସବା ପାହି" ଗ୍ରାମରେ ସ୍ୱତନ୍ତ୍ର ଡ୍ରିଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଉକ୍ତ ଗ୍ରାମର ସରପଂଚ ପ୍ରଶାନ୍ତ କୁମାର ନାୟକ ଏବଂ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ କାଳୀପଦ ସାସମଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଂଜନ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ । ସମସ୍ତ ଡ୍ରିଲ କାର୍ଯ୍ୟକ୍ରମକୁ ଭର୍ଚୁଆଲ ମୋଡ୍‌ରେ କୋଭିଡ ନିୟମାବଳୀର ଅନୁପାଳନ ସହ ସମ୍ପାଦନ କରାଯାଇଥିଲା । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅରୁଣା ତ୍ରିପାଠୀ, ୫ଟି ସୁନାମୀ ପ୍ରବଣ ବ୍ଲକର ବିଡିଓ, ୟୁନଡିପିର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୋପାଳ ବାରିକ୍ ପ୍ରମୁଖ ଉପସ୍ଥିତ ଥିବା ବେଳେ ଓସଡାମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ଚୋରା ମଦ ବେପାରୀ ଗିରଫ: ୨୦୦ ଲିଟର ଦେଶୀମଦ ସହ ୨ଟି ବାଇକ୍ ଜବଦ




ନୀଳଗିରି ,୧୩।୧୦ (ନି.ପ୍ର): ପୋଲିସ କରୁଛି ଅବକାରୀ କାମ, ଏଥିପାଇଁ ନୀଳଗିରି ପୋଲିସକୁ ମିଳିଛି ପୂର୍ଣ୍ଣ ସଫଳତା, ଇଶ୍ୱରପୁର ଅଚଂଳରେ ଚୋରା ମଦକାରବାର ବଢ଼ି ଚାଲିଥିବା ବେଳେ ନୀଳଗିରି ଆଇ.ଆଇ.ସି. ପ୍ରଭଞ୍ଜନ ବେହେରା ଏହାକୁ ଗୁରୁତ୍ୱ ଦେଇ ଚୋରା ମଦ ବେପାରକୁ ଧରିବା ପାଇଁ ଇଶ୍ୱରପୁର ଫାଣ୍ଡି ଅଧିକାରୀ ଅଗୁରୁ ଚରଣ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗତ ସୋମବାର ସନ୍ଧ୍ୟା ୬ଟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଫାଣ୍ଡି ଅଧିକାରୀ ଅଗୁରୁ ଚରଣ ଦାସ ସଦଳବଳେ ୨ଟି ବାଇକ୍‌ରେ ୨୦୦ ଲିଟର ଚୋରା ଦେଶୀମଦ ନେଇ ଯାଉଥିବା ବେଳେ ତରତୁଆ ରାସ୍ତାରେ ୨ ଜଣ ଯୁବକଙ୍କୁ କାବୁ କରିଥିଲେ । ଧରାପଡିଥିବା ଯୁବକ ୨ ଜଣ ହେଲେ ସୋରଥାନା ଅଧିନସ୍ଥ କେଶରୀପୁର ଗ୍ରାମର ଅରୁଣ ଖିଲାର (୪୧) ଓ ପୁରୁଣା ବାଲେଶ୍ୱର ଅଚଂଳର ପ୍ରଦୀପ କୁମାର ନାୟକ । ପୋଲିସ ସେମାନଙ୍କ ଠାରୁ ୨୦୦ ଲିଟର ଦେଶୀମଦ, ଦୁଇଗୋଟି ବାଇକ୍ ଏବଂ ନଗଦ ୩୨,୫୦୦ ଟଙ୍କା ଜବଦ କରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏନେଇ ନୀଳଗିରି ଥାନାରେ ୭୪୪ / ୨୦ ରୁଜୁ କରାଯାଇଥିବା ଜଣାପଡ଼ିଛି ।

# ବିଦ୍ୟୁତ ଖୁଣ୍ଟ ଭୁଶୁଡି ଜଣେ ମୃତ

ଗୁଣୁପୁର ,୧୩।୧୦ (ନି.ପ୍ର): ଆଜି ମଧ୍ୟାହ୍ନ ରେ ବିଦ୍ୟୁତ ଖୁଣ୍ଟ ଭୁଶୁଡି ପଡି ଯିବା ଯୋଗୁଁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଏନେଇ ପୋଲିସ ଶବ ଜବତ କରି ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିଛି । ଖବର ନେବାରୁ ଜଣାପଡିଛିଯେ ପୁରୁଣା ଗୁଣପୁର ଅଞ୍ଚଳ ବ୍ରାହ୍ମଣ ସାହିର ସୀମାଦ୍ରୀ ଗୌଡ଼ (୬୦)ବର୍ଷ ନାମକ ଜଣେ ବ୍ୟକ୍ତି ମଇଁଷି ଗୋଠ ନେଇ ଚରାଇବାକୁ ଯାଇଥିଲେ । ଜଗନ୍ନାଥ ମନ୍ଦିର ସାମନା ରେ ଥିବା ପାଇକ ସାହି ନିକଟରେ ଏକ ବିଦ୍ୟୁତ ଖୁଣ୍ଟ ଢଳି ପଡିବାରୁ ସିମାଦ୍ରୀ ମୁଣ୍ଡ ଉପରେ ଆଘାତ ଲାଗି ଥିଲା । ଘଟଣା ସ୍ଥଳରେ ହିଁ ମୁଣ୍ଡରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ସେଠାରେ ତାଙ୍କରମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ପୋଲିସ ପହଞ୍ଚି ତଦନ୍ତ କରିବା ସହ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଛି । ସୂଚନା ଯୋଗ୍ୟଯେ ଗତ କାଲିଠାରୁ ଲଘୁଚାପ ଜନିତ ଝିପିଝିପି ବର୍ଷା ଯୋଗୁଁ ମାଟି ହାଲୁକା ହୋଇ ପଡ଼ିଥିବାରୁ ପୋଲଟି ଢଳି ପଡିଥିଲା । ତେବେ ଉକ୍ତ ଖୁଣ୍ଟରେ ବିଦ୍ୟୁତ ଚାର୍ଜ କରାଯାଇ ନଥିବା ବେଳେ ଅଯଥା ସେହି ଖୁଣ୍ଟ ସେଠାରେ ରହିଥିଲା । ତେବେ ଉକ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ ବିଦ୍ୟୁତ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।

# ହାଥରାସ୍ ଗଣଦୁଷ୍କର୍ମ ଘଟଣାର ତଦନ୍ତ ଦାବିରେ ଭୁବନେଶ୍ୱରରେ ବିକ୍ଷୋଭ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ସର୍ବଭାରତୀୟ ଆହ୍ୱାନ ଅନୁଯାୟୀ ହାଥରାସ୍ ଦଳିତ ଯୁବତୀ ଗଣ ଦୁଷ୍କର୍ମର ପ୍ରତିବାଦ କରି ଭୁବନେଶ୍ୱରରେ ସିଆଇଟିୟୁ, ଅଖିଳ ଭାରତ କୃଷକ ସଭା ଏବଂ ଅଖିଳ ଭାରତ କ୍ଷେତ ମଜଦୂର ୟୁନିୟନ ତରଫରୁ ମାଷ୍ଟର କ୍ୟାଂଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କ୍ରମାଗତ ଭାବେ ଦଳିତ ଏବଂ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ଏବଂ ଦୁଷ୍କର୍ମ ଘଟଣାବଳୀରେ ସିଆଟିୟୁ କୃଷକ ସଭା ଏବଂ କ୍ଷେତମଜଦୁର ୟୁନିୟନ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଆଜି ଏହି ସଂକ୍ରାନ୍ତରେ ୫ ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ରାଷ୍ଟ୍ରପତି ଏବଂ ଓଡିଶାର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି ।

ଏହି ତିନି ସଂଗଠନ ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକ ପତ୍ରରେ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି ଯେ ହାଥରାସ୍ ଯୁବତୀ ଗଣ ଦୁଷ୍କର୍ମ ଏବଂ ତଦ୍‌ଜନିତ ମୃତ୍ୟୁ ଘଟଣାର ସୁପ୍ରିମ କୋର୍ଟ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରାଯାଉ, ଏହି ଘଟଣାରେ ସଂପୃକ୍ତ ଅପରାଧିମାନଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ପ୍ରଦାନ କରାଯାଉ, ଯେଉଁ ପୁଲିସ୍ ଏବଂ ପ୍ରଶାସନିକ ଅଧିକାରୀମାନେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ, ପିଡୀତା ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବା ସହିତ ମର୍ଯ୍ୟାଦା ଏବଂ ନିରାପତା ସହକାରେ ବଂଚିବା ପାଇଁ ସମସ୍ତ ପ୍ରକାରର ସୁରକ୍ଷା ପ୍ରଦାନ କରାଯାଉ, ଉନାଓ, ବଳରାମପୁର ଏବଂ ଅନ୍ୟାନ୍ୟ ସ୍ଥାନରେ ଘଟିଥିବା ଏହିଭଳି ଘଟଣାରେ ପିଡୀତା ଏବଂ ପିଡୀତା ପରିବାରମାନଙ୍କୁ ଯଥାଶୀଘ୍ର ନ୍ୟାୟ ପ୍ରଦାନ କରାଯାଉ । ମହିଳାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯ୍ୟାତନା ଏବଂ ଦୁଷ୍କର୍ମ ଘଟଣାମାନଙ୍କରେ ବର୍ମା କମିଟି କରିଥିବା ସୁପାରିଶକୁ କାର୍ଯ୍ୟକାରୀ କରାଯାଉ ।

# ବିକାଶର ବହୁ ଦୂରରେ ପରିଖିର ନନ୍ଦଚକ ଗ୍ରାମ: ଉପ-ନିର୍ବାଚନରେ ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି



ବାଲେଶ୍ୱର,୧୩।୧୦ (ନି.ପ୍ର): ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହି ଆସୁଥିବା ପରିଖି ପଞ୍ଚାୟତର ନନ୍ଦଚକବାସୀ ଆସନ୍ତା ସଦର ଉପ-ନିର୍ବାଚନରେ ଭୋଟ ବର୍ଜନର ଚେତାବନୀ ଦେଇଛନ୍ତି । ଦେଶ ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ବିକାଶ ଏ ଅଞ୍ଚଳ ପାଇଁ ସ୍ୱପ୍ନ ହୋଇଥିବା ସେମାନେ କହିଛନ୍ତି । ଏହି ଅଞ୍ଚଳକୁ ରାସ୍ତାଟିଏ ନଥିବା ବେଳେ ବ୍ରିଟିଶ ଅମଳରୁ ହୋଇଥିବା ଲୁଣିବନ୍ଧ କ୍ରମଶଃ ନଷ୍ଟ ହୋଇଯିବା କାରଣରୁ ପ୍ରତି ବର୍ଷାଋତୁରେ ଲୋକେ ଅତଙ୍କିତ ଅବସ୍ଥାରେ ରହୁଛନ୍ତି । ଅନୁରୂପ ଭାବେ ପାନୀୟଜଳ, ସ୍ୱାସ୍ଥ୍ୟ, ଗମନାଗମନ ପ୍ରତିଟି କ୍ଷେତ୍ରରେ ପରିଖି ପଞ୍ଚାୟତର ଏହି ନନ୍ଦଚକବାସୀଙ୍କୁ ଅବହେଳା କରାଯାଉଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ପ୍ରତି ନିର୍ବାଚନ ସମୟରେ ପ୍ରଚାରରେ ଆସୁଥିବା ନେତା ଓ ପ୍ରାର୍ଥୀମାନେ ସ୍ଥାନୀୟ ବିକାଶକୁ ନେଇ ସ୍ୱପ୍ନର ପାହାଡ଼ ଉଭା କରୁଥିବା ବେଳେ ନିର୍ବାଚନ ପରେ ତାହାକୁ ପାଣିର ଗାର ସଦୃଶ ଭୁଲି ଯାଉଛନ୍ତି । ଏମିତିକି ନିର୍ବାଚିତ ଲୋକ ପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଆପତ୍ତି ଜଣାଇବା ପରେ ବି କିଛି ଫଳ ନ ମିଳିବାରୁ ସେମାନେ ଚଳିତ ଉପ-ନିର୍ବାଚନରେ ଭୋଟ ବର୍ଜନ ପାଇଁ ନିଷ୍ପତି ନେଇଥିବା ଗ୍ରାମବାସୀମାନେ କହିଛନ୍ତି । ପରିଖି ବିକାଶ ମଞ୍ଚର ଆହ୍ୱାନ କ୍ରମେ କେବଳ ନନ୍ଦଚକ ନୁହେଁ ବରଂ ଅବହେଳିତ ଏକାଧିକ ଗ୍ରାମର ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନ ପାଇବା ପର୍ଯ୍ୟନ୍ତ ସେମାନେ ନିର୍ବାଚନରେ ମତଦାନ କରିବେ ନାହିଁ ବୋଲି ସଫା ସଫା ଜଣାଇଦେଇଛନ୍ତି ।

# ନୂତନ କୃଷି ଆଇନ ସପକ୍ଷରେ ନୀଳଗିରି ବି.ଜେ.ପିର ପଦଯାତ୍ରା




ନୀଳଗିରି ,୧୩।୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କର ନୂତନ କୃଷି ଆଇନ୍ ପ୍ରଣୟନକୁ ସ୍ୱାଗତ ଜଣାଇ ନୀଳଗିରି ବି.ଜେ.ପି. ପକ୍ଷରୁ ପୂର୍ବାହ୍ନରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୧୩ନଂ. ଜୋନ୍ ସିର୍ଙ୍ଗିରି ଠାରେ ଏକ ବିରାଟ କୃଷକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ସାମିଲ ହୋଇ ମୋଦୀ ସରକାର ପ୍ରତି ରାଷ୍ଟ୍ରର କୃଷକ ମାନଙ୍କୁ ସ୍ୱାଧିନତା ଦେବା ଏବଂ ଦଲାଲଙ୍କ କବଳରୁ ମୁକ୍ତ ପାଇଁ ନୂତନ କୃଷି ଆଇନ ପ୍ରଣୟନ କରିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡଙ୍ଗୀ ପ୍ରକାଶ କରିବାସହ ଚାଷୀ ନିଜର ଉତ୍ପାଦିତ ଶସ୍ୟକୁ ଉଚିତ ଦରରେ ବାହାରେ ଦେଶର ବିକ୍ରୀ କରିପାରିବ ଏବଂ ପୂର୍ବପରି ଏସ୍.ଏସ୍.ପି. ଲାଗୁ ରହିଛି ବୋଲି ଶ୍ରୀଯୁକ୍ତ ଷଡଙ୍ଗୀ ସୂଚନା ଦେଇଥିଲେ । ଅନୁରୂପ ଭାବେ ନୀଳଗିରି ବିଧାୟକ ଶ୍ରୀଯୁକ୍ତ ନାୟକ ନୂତନ କୃଷିନୀତୀ ଦ୍ୱାରା କୃଷକ ମାନଙ୍କର ଆର୍ଥିକ ମାନଦଣ୍ଡର ବିକାଶ ଘଟିବା ସହିତ କୃଷକ ନିଜର ପ୍ରାପ୍ୟ ୩ ଦିନ ମଧ୍ୟରେ ପାଇପାରିବ ବୋଲି ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ତାପସ ମହାନ୍ତି, ଗୋପାଳଚନ୍ଦ୍ର ମହାପାତ୍ର, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଶୁଭାଶିଷ ଆଚାର୍ଯ୍ୟ, ଅନିରୁଦ୍ଧ ମହାପାତ୍ର, ସତ୍ୟ ବାରିକ, ସୁଲଟି ବାରିକ, କାଂଶ ସମିତି ସଭ୍ୟ ଚିତ୍ତରଂଜନ ରାଉତ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ , ପଦଯାତ୍ରାରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### 'ସୁଜଳ' ଯୋଜନାର...

ହୋଇପାରିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ମାର୍ଚ୍ଚ ୨୦୨୨ ସୁଦ୍ଧା ରାଜ୍ୟର ସବୁ ସହରାଂଚଳର ସବୁ ଘରକୁ ପାଇପ୍ ଯୋଗେ ପାଣି ସଂଯୋଗ ଯୋଗାଇ ଦିଆଯିବ ବୋଲି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ କ୍ଷେତ୍ରରେ ଓଡିଶା ଦେଶର ପ୍ରଥମ ରାଜ୍ୟ ହେବ । ଏହି ଅବସରରେ ସେ ରାଜ୍ୟର ଆଉ ୧୫ଟି ସହର ପାଇଁ "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ" ଘୋଷଣା କରିଥିଲେ । ଏହାଦ୍ୱାରା ୧୫ ଲକ୍ଷରୁ ଅଧିକ ଲୋକ ଉପକାର ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ୧୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକରୁ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ପ୍ରେରଣା ଯୋଗୁ ଆଜି ଓଡିଶା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍"ରେ ଦେଶର ପ୍ରଥମ ରାଜ୍ୟ ହୋଇପାରିଛି । ୫-ଟି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସବୁ କ୍ଷେତ୍ରରେ ରୂପାନ୍ତରୀକରଣ ପ୍ରକ୍ରିୟା ପାଇଁ ନିଷ୍ଠାର ସହ କାମ କରୁଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀରୁ ଯୋଗ ଦେଇ କେନ୍ଦ୍ର ଗୃହ ନିର୍ମାଣ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀ ଦୁର୍ଗା ଶଂକର ମିଶ୍ର ଏହି କାର୍ଯ୍ୟକ୍ରମ ପାଇଁ ଓଡିଶା ସରକାରଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ ଓଡିଶା ଏମିତି କିଛି ସଫଳତା ପାଇଛି, ଯାହା କି ଦେଶରେ ପ୍ରଥମ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ,ୟୁ କେ ୱାଟର ଏଡ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଟିମ୍ ୱାନରାଇଟ୍ , ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀ ଜି. ମାଥିଭାତନନ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ଭୁବନେଶ୍ୱରରେ ଓ ପୁରୀରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

### ଗୋଟିଏ ଦିନରେ ୨୨୭୫...

ଜିଲ୍ଲାରେ ୬୮ ,କେନ୍ଦୁଝର ଜିଲ୍ଲାରେ ୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୩୯ ଜଣ, ମାଲକାନଗିରି ଜିଲ୍ଲାରେ ୫୩, ମୟୁରଭଂଜ ଜିଲ୍ଲାରେ ୧୧୦, ନବରଙ୍ଗପୁରରେ ୩୯, ନୟାଗଡ ଜିଲ୍ଲାରେ ୩୧, ନୂଆପଡା ଜିଲ୍ଲାରେ ୬୯, ପୁରୀ ଜିଲ୍ଲାରେ ୭୧, ରାୟଗଡା ଜିଲ୍ଲାରେ ୩୩, ସମ୍ବଲପୁର ଜିଲ୍ଲାରେ ୫୬ ,ସୋନପୁର ଜିଲ୍ଲାରେ ୫୦ ତଥା ସୁନ୍ଦରଗଡ ଜିଲ୍ଲାରେ ୧୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୬୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ଅମୃତ ଯୋଜନାରେ...

କଟକ, ପୁରୀ ,ରାଉରକେଲା ଓ ସମ୍ବଲପୁର ଭଳି ସହର ଗୁଡିକରେ ସହରାଂଚଳ ଭିତିଭୂମିର ଉନ୍ନତିକରଣ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ଓ ସହରାଂଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ଟ୍ୱିଟ୍ କରି ଧନ୍ୟବାଦ ଦେଇଛନ୍ତି । ଏହି ଯୋଜନାରେ ପାନୀୟ ଜଳ ଯୋଗାଣ, ସ୍ୱରେଜ ଓ ପରିମଳ ପରିଚାଳନା , ବର୍ଜ୍ୟ ଜଳ ନିଷ୍କାସନ, ସବୁଜ ପରିବେଶ., ପାର୍କ ଓ ଅଣ ମୋଟର ଚାଳିତ ସହରାଂଚଳ ପରିବହନ ଭଳି ମୌଳିକ ଭିତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ବାର୍ଷିକ କାର୍ଯ୍ୟ ଯୋଜନା ଅଧୀନରେ ଓଡିଶା ପାଇଁ ୧୫୯ କୋଟି ଟଙ୍କା ମଂଜୁର କରାଯାଇଛି । ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ମିଶନ ସହ ସ୍ୱୟଂଚାଳିତ ଜଳ ବିଶୋଧନ ପ୍ଲାଂଟ, ପାର୍କର ବିକାଶ , ଜରୁରୀକାଳୀନ ସୌରଚାଳିତ ପମ୍ପ ସ୍ଥାପନ ଭଳି ପ୍ରକଳ୍ପ ଲୋକଙ୍କ ଆକାଂକ୍ଷାକୁ ପୂରଣ କରୁଛି । ଏହି ଯୋଜନା ଅଧୀନରେ ଓଡିଶାକୁ ୧୯୧ଟି ପ୍ରକଳ୍ପ ମଂଜୁର କରାଯାଇଥିବା ବେଳେ ସେଥିରୁ ୧୫୨ଟି ପ୍ରକଳ୍ପ ସମାପ୍ତ ହୋଇଛି ଓ ଅବଶିଷ୍ଟ ୩୯ ପ୍ରକଳ୍ପର କାମ ଜାରି ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

### ରାଜ୍ୟରେ ଆଉ ୧୭...

ଜିଲ୍ଲା ର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ଭୁବନେଶ୍ୱର ଜଣେ ୮୭ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଜଗତସିଂହପୁର ଜିଲ୍ଲାର ୬୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଝାରସୁଗୁଡା ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାର ଜଣେ ୭୦ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାରେ ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ମୟୁରଭଂଜ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ମୟୁରଭଂଜ ଜିଲ୍ଲାର ଜଣେ ୫୩ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୮୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୭୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୨ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାରେ ଜଣେ ୬୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

### ପୌରାଞ୍ଚଳରେ ବିଜେପି ...

ପୂଜାର୍ଚ୍ଚନା ପରେ ସେ ଘରକୁ ଘର ଯାଇ ଲୋକମାନଙ୍କୁ ସାକ୍ଷାତ କରିଥିଲେ । ବାଲେଶ୍ୱର ସହର ସମେତ ସଦର ନିର୍ବାଚନମଣ୍ଡଳୀର ବିକାଶ ପାଇଁ ପିତା ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ସ୍ୱପ୍ନକୁ ସାକାର କରିବା ସହିତ ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଲୋକାଭିମୁଖୀ କାର୍ଯ୍ୟ ସମ୍ପନ୍ନକୁ ଅଧିକ ଗୁରୁତ୍ୱ ଦେବେ ବୋଲି ଶ୍ରୀ ଦତ୍ତ କହିଥିଲେ । ବାପାଙ୍କର ଅଧୁରା କାର୍ଯ୍ୟ ଓ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସୁଯୋଗ ଦେବାକୁ ସେ ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଦଳୀୟ ନିର୍ବାଚନ ପ୍ରଚାର କମିଟିର ନିଷ୍ପତି କ୍ରମେ ଆରମ୍ଭ ହୋଇଥିବା ଏହି ପ୍ରଚାର କାର୍ଯ୍ୟରେ ବିଜେପି କର୍ମକର୍ତ୍ତା ପର୍ଶୁରାମ ବେହେରା, ସୁଜିତ୍ ଦେବ, ପିଣ୍ଟୁ ପୋଦାର, ବିଭୂପଦ ଦାସଙ୍କ ସମେତ ସଦର ନିର୍ବାଚନମଣ୍ଡଳୀର ବହୁକର୍ମୀ ଉପସ୍ଥିତ ଥିଲେ ।

### ରାଜ୍ୟରେ ବିଭିନ୍ନ ଜିଲ୍ଲାରେ...

୯୬୭୪. ନବରଙ୍ଗପୁର ଜିଲ୍ଲାରେ ୪୪୮୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୪୫୫, ନୂଆପଡା ଜିଲ୍ଲାରେ ୪୩୪୬ , ପୁରୀ ଜିଲ୍ଲାରେ ୧୧,୪୫୫, ରାୟଗଡା ଜିଲ୍ଲାରେ ୭୮୦୦. ସମ୍ବଲପୁର ଜିଲ୍ଲାରେ ୭୨୭୬ . ସୁବର୍ଣ୍ଣପୁର ଜିଲ୍ଲାରେ ୩୭୭୫ ଓ ସୁନ୍ଦରଗଡ ଜିଲ୍ଲାରେ ୯୦୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୬୫୦ ହୋଇଛି ।

### ସାମାଜିକ ଗଣମାଧ୍ୟମର ...

ସ୍ୱେଚ୍ଛାସେବୀ ପ୍ରସନ୍ନ ଙ୍କ ସହ ତାଙ୍କର ବନ୍ଧୁ ସାଗର ବିଶ୍ୱାଳ, ଦିପ୍ତି ରଞ୍ଜନ ଭୂୟାଁ, ମିଳନ ସାହାଣୀ, ଲକ୍ଷ୍ମୀଧର ନାୟକ ପ୍ରମୁଖ କାହ୍ନୁଙ୍କ ନିଜ ଘର ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅନ୍ତର୍ଗତ ହଳଦିଡିହ ଗାଁରେ ଛାଡିବାକୁ ଯାଇଥିବା ଜଣାପଡିଛି । ଏହି ଗ୍ରାମର ଲକ୍ଷ୍ମୀଧର କାହାଳଙ୍କ ପୁଅ କାହ୍ନୁ ପାରାଦ୍ୱୀପ ଅଞ୍ଚଳରେ କିଛି ମାସ ହେବ ଏଣେ ତେଣେ ବୁଲୁଥିଲେ । ଯୁବ ସମାଜସେବୀ ମାନଙ୍କ ଏଭଳି ମହତ କାର୍ଯ୍ୟକୁ ସମସ୍ତେ ଉଚ୍ଚପ୍ରଶଂସା କରିଛନ୍ତି ।

# ଶ୍ରୀସେତୁ ଲାଗି ଜନ ଶୁଣାଣି ଆଜି

ପୁରୀ,୧୩।୧୦ (ନି.ପ୍ର): ପ୍ରସ୍ତାବିତ ଶ୍ରୀସେତୁ ଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଏଥିଲାଗି ଜମି ଅଧିଗ୍ରହଣ ପାଇଁ ଆସନ୍ତାକାଲି ସମଙ୍ଗ, ମର୍କଣ୍ଡେଶ୍ୱର ସାହି,ମାଟିତୋଟା ଓ ଦାଣ୍ଡିମାଳସାହି ମୌଜାରେ ଜନ ଶୁଣାଣି କରିବା ଲାଗି ଜିଲ୍ଲା ପ୍ରାସାସନ ପକ୍ଷରୁ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ବହୁ ଚର୍ଚ୍ଚିତ ସଂଗୀତା ମୋଟର୍ସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୋଲକାତାରୁ ଗିରଫ

ଭଦ୍ରକ,୧୩।୧୦ (ନି.ପ୍ର): ଭଦ୍ରକରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିବା ସଂଗୀତା ମୋଟର୍ସ କର୍ମଚାରୀର ମୃତ୍ୟୁ ପାଇଁ ମୁଖ୍ୟ ଦାୟୀ କୁହାଯାଉଥିବା ଏହାର ମାଲିକ ଚନ୍ଦନ ଶାହାଙ୍କୁ ପୁଲିସ ଗିରଫ କରିଛି । ଏହାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଭଦ୍ରକ ଜିଲ୍ଲା ପୁଲିସକୁ ସାଧୁବାଦ ଦିଆ ଯାଇଛି । ଭଦ୍ରକ ସାହାପୁର ଗ୍ରାମର ଚିତ୍ତ ରଂଜନ ଯେନା ନାମକ ଜଣେ ଯୁବକ ସଂଗୀତା ମୋଟର୍ସରେ କାର୍ଯ୍ୟ କରୁଥିଲେ । ସେ ଗତ ତାରିଖରେ ନୂଆ ବସ୍‌ଷ୍ଟାଣ୍ଡ ନିକଟ ତଥା ସଂଗୀତା ମୋଟର୍ସର ପଛପଟେ ଜୁଲାଇ ୧ ତାରିଖରେ ଆତ୍ମହତ୍ୟା କରିଥିଲେ । ମାଲିକ ଚନ୍ଦନ ଶାହାକୁ ଦାୟୀ କରି ଆତ୍ମହତ୍ୟା କରିବା ପୂର୍ବରୁ ଏକ ସୁଇସାଇଡାଲ ନୋଟ ଲେଖିଥିଲେ । ପୁଲିସ ସୁଇସାଇଡାଲ ନୋଟକୁ ଗୁରୁତ୍ୱ ନ ଦେଇ କେବଳ ଅପମୃତ୍ୟୁ ମାମଲା ରୁଜୁ କରି ଚୂପ୍ ବସିଥିବା ବେଳେ ଭଦ୍ରକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ତଥା ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ଭଣ୍ଡାରିପୋଖରୀ କଂଗ୍ରେସ ନେତା ସୁବ୍ରତ ଦାସ ଏହାକୁ ତୀବ୍ର ବିରୋଧ କରିବା ସହିତ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଚନ୍ଦନ ଶାହାକୁ ଗିରଫ କରିବାକୁ ଦାବୀ କରିଥିଲେ । ଏ ନେଇ ବାରମ୍ବାର ଆନ୍ଦୋଳନ ସ୍ୱରୂପ ରାଜପଥ ଅବରୋଧ, ଏସ୍‌ପି ଅଫିସ ଘେରାଓ, ଗଣଧାରଣା ଆଦି କରିବା ପରେ ପୁଲିସ ହତ୍ୟାକାଣ୍ଡ ମାମଲା ରୁଜୁ କରିବାକୁ ବାଧ ହୋଇଥିଲା । ଏସ୍‌ପି ରାଜେଶ ପଣ୍ଡିତଙ୍କ ନିର୍ଦ୍ଦେଶରେ ଭଦ୍ରକ ଏସ୍‌ଡିପିଓ ସିଦ୍ଧାର୍ଥ ରାୟ, ଟାଉନ ଥାନା ଆଇଆଇସି ଚନ୍ଦନ ଘଡେଇ ଯୋଜନାବଦ୍ଧ ଭାବେ ଗତକାଲି ଚନ୍ଦନ ଶାହାକୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ । ଆଜି ଚନ୍ଦନ ଶାହାକୁ କୋର୍ଟ ଚାଲାଣ କରାଯାଇଛି ।

ବୁଧବାର,୧୪ ଅକ୍ଟୋବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଦିନକରେ ୧୧୧ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୮୩୭କୁ ବୃଦ୍ଧି

ବାଲେଶ୍ୱର,୧୩।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୨ଲକ୍ଷ ଛୁଇଁଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୧୦ ହଜାରରେ ପହଞ୍ଚିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୨୭୫ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୫୬ହଜାର ୯୩୭ ଛୁଇଁଛି। ଅନ୍ୟପକ୍ଷରେ ଆଜି ୧୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୫୭ରେ ପହଞ୍ଚିଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୮୩୭ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୭୯୭୩ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୦୦ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗତକାଲି ଭଳି ଆଜି ଆଜି ମଧ୍ୟ ବାଲେଶ୍ୱର ଜିଲ୍ଲାର ୩ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୪୫ ବର୍ଷର ଜଣେ ପୁରୁଷଙ୍କର ଆଜି ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୫୯ରେ ପହଞ୍ଚିଛି। ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଉପ-ନିର୍ବାଚନ ପାଇଁ ପ୍ରିଜାଇଡିଂ-ପୋଲିଂ ଅଧିକାରୀଙ୍କୁ ଟ୍ରେନିଂ



ବାଲେଶ୍ୱର,୧୩।୧୦ (ନି.ପ୍ର): ଚଳିତ ବାଲେଶ୍ୱର ସଦର ଉପ-ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଅଧିକାରୀ ଓ ପ୍ରଥମ ପୋଲିଂ ଅଧିକାରୀମାନଙ୍କର ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ସ୍କୁଲରେ ଆଜି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ତାଲିମ ଦୁଇ ଦିନ ଧରି ଚାଲିବ । ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଓ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନରଙ୍କ ସମେତ ସେକ୍ଟର ଅଫିସରମାନେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । କୋଭିଡ୍-୧୯ ମାର୍ଗଦର୍ଶିକାର ଅନୁପାଳନ ପୂର୍ବକ ଏହି ତାଲିମ ଶିବିରରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ପ୍ରଶିକ୍ଷଣ ବେଳେ ସାମାଜିକ ଦୂରତା ବଜାୟ ରଖାଯିବା ସହିତ ଅଧିକାରୀମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ ଏବଂ ସାନିଟାଇଜର ଇତ୍ୟାଦି ବ୍ୟବହାର କରିଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ ଖସଡା, ନିର୍ବାଚନ ପରିଚାଳନା, ଭୋଟ ଗ୍ରହଣ ସମୟରେ ସତର୍କତା, କୋଭିଡ୍ ନିୟମାବଳୀର ଅନୁପାଳନ, ଇଭିଏମ-ଭିଭିପାଟ ମେସିନର ସଠିକ ବ୍ୟବହାର, ବିଭିନ୍ନ ପ୍ରକାର ଫର୍ମର ଉପଯୋଗିତା ଇତ୍ୟାଦି ସମ୍ପର୍କରେ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଆଜି ୫୧୯ଜଣ ଭାଗ ନେବାକୁ ଥିବା ବେଳେ ସେଥିମଧ୍ୟରୁ ୧୫ଜଣ ଅନୁପସ୍ଥିତ ରହିଥିଲେ । ଅନୁପସ୍ଥିତ ଥିବା ଅଧିକାରୀମାନଙ୍କ ବିରୋଧରେ ନିୟମାନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି । ଏଥି ସହିତ ଆଗକୁ ଅନୁଷ୍ଠିତ ହେବାକୁ ଥିବା ତାଲିମ କାର୍ଯ୍ୟକ୍ରମରେ କେହି ଅନୁପସ୍ଥିତ ନ ରହିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୩୨ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୧୩।୧୦ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୩୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ବିଶିଷ୍ଟ ବ୍ୟବସାୟୀ ଗଜେନ୍ଦ୍ର ପରିଡାଙ୍କ ଦେହାନ୍ତ

ପାରାଦ୍ୱୀପ ,୧୩।୧୦ (ନି.ପ୍ର): ପାରାଦ୍ୱୀପ ମତ୍ସ୍ୟ ଉତ୍ପାଦକ ସଙ୍ଘର ବରିଷ୍ଠ ସଦସ୍ୟ ତଥା ପାରାଦ୍ୱୀପ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଗଜେନ୍ଦ୍ର ପରିଡା ଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ଶ୍ରୀ ପରିଡା ପାରାଦ୍ୱୀପ ମତ୍ସ୍ୟ ଉତ୍ପାଦକ ସଂଘ ର ପ୍ରତିଷ୍ଠାରେ ବଳିଷ୍ଠ ସହଯୋଗ ଥିଲା । କୁଜଙ୍ଗ ତଥା ପାରାଦ୍ୱୀପ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ଥିଲେ । ପାରାଦ୍ୱୀପ ରେ ଦୀର୍ଘ ବର୍ଷ ହେବ ଶ୍ରୀ ପରିଡା ମତ୍ସ୍ୟ ବ୍ୟବସାୟ ସହ ଜଡିତ ଥିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ଜ୍ୟୋତିକାନ୍ତ ପରିଡା ବ୍ୟବସାୟ କରୁଥିବା ବେଳେ କନିଷ୍ଠ ପୁତ୍ର ମହେନ୍ଦ୍ର ପରିଡା ସାମ୍ବାଦିକ କରୁଥିବା ସହ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଙ୍କ ପାରାଦ୍ୱୀପ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ମୃତ୍ୟୁ ରେ ପାରାଦ୍ୱୀପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶ୍ରୀ ପରିଡାଙ୍କ ନିଜସ୍ୱ ଘର କୁଜଙ୍ଗ ଥାନା ଅନ୍ତର୍ଗତ କୋଠିଆ ସାହି ଗ୍ରାମରେ ।

## ନିର୍ବାଚନ ପୂର୍ବରୁ ବୁଆଁଳରେ ପୁଲିସର ଫ୍ଲାଗମାର୍ଚ୍ଚ



ବାଲେଶ୍ୱର,୧୩।୧୦ (ନି.ପ୍ର): ଦୀର୍ଘଦିନ ଧରି ରାଜନୈତିକ ଗୋଷ୍ଠୀ ବିବାଦ ଓ ଅପରାଧିକ କାର୍ଯ୍ୟକଳାପ ଲାଗି ରହୁଥିବା ସଦର ବ୍ଲକ ଅନ୍ତର୍ଗତ ବୁଆଁଳ ପଞ୍ଚାୟତରେ ଆଜି ଜିଲ୍ଲା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି ।ଏହି ପଞ୍ଚାୟତର ଉତ୍ତେଜନାପୂର୍ଣ୍ଣ ସ୍ଥିତି ଆସନ୍ତା ଉପ-ନିର୍ବାଚନରେ ଅନ୍ତରାୟ ସୃଷ୍ଟି କରିବା ଆଶଙ୍କା ଦେଖାଦେଇଥିବା ବେଳେ ପୁଲିସ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଥିବା କୁହାଯାଉଛି । ଗତ ଅଗଷ୍ଟ ୩ ତାରିଖ ରାତିରେ ସଂଘବଦ୍ଧ ଆକ୍ରମଣରେ ଏହି ଅଞ୍ଚଳର ଯୁବକ ତପନ ପାତ୍ରଙ୍କ ମୃତ୍ୟୁ ପରେ ବୁଆଁଳ ପଞ୍ଚାୟତରେ ଉତ୍ତେଜନା ରହୁଛି । ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ଥିବା ମତଦାନ ପୂର୍ବରୁ ପରିସ୍ଥିତି ଉପରେ ପୁଲିସ ତୀକ୍ଷ୍ଣ ଦୃଷ୍ଟି ରଖିଛି । ଏହି ପରିପ୍ରେକ୍ଷୀରେ ଆଜି ଫ୍ଲାଗମାର୍ଚ୍ଚ କରାଯାଇଥିବା ଜଣାପଡ଼ିଛି ।

# ଜିଲ୍ଲା ବିକାଶରେ ଅବଦାନ ଅଧିକ ନେଇ କଂଗ୍ରେସର ଦାବି

### ଉପ-ନିର୍ବାଚନରେ ଯୋଗ୍ୟ ଦଳୀୟ ପ୍ରାର୍ଥିନୀଙ୍କୁ ସମର୍ଥନ ପାଇଁ ନିବେଦନ




ବାଲେଶ୍ୱର,୧୩।୧୦ (ନି.ପ୍ର): ବାଲେଶ୍ୱର ବିକାଶରେ ସର୍ବାଧିକ ଅବଦାନ ଥିବା କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁଙ୍କ ପ୍ରତି ସମସ୍ତେ ସମର୍ଥନ କରିବାକୁ ପିସିସି ପ୍ରବକ୍ତା ସୁଦର୍ଶନ ଦାସ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ଯୋଗଦେଇ ବାଲେଶ୍ୱର ବିକାଶରେ କଂଗ୍ରେସର ଭୂମିକା ଓ ଅନ୍ୟାନ୍ୟ ଦଳୀୟ ନେତାଙ୍କ ସ୍ଥାଣୁତା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଶିକ୍ଷାୟନଠାରୁ ସାଧାରଣ ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, କୃଷି ଆଦି ପ୍ରତିଟି କ୍ଷେତ୍ରରେ କଂଗ୍ରେସ ସମୟରେ ହିଁ ଉନ୍ନତି ହୋଇଥିଲା। ବିରଳା ଟାୟାର୍ସ, ବାଲେଶ୍ୱର ଆଲୋଏଜ, ଇମାମି ପେପର ମିଲ୍ସ ପ୍ରଭୃତି ବଡ଼ ବଡ଼ ଶିଳ୍ପାନୁଷ୍ଠାନ କଂଗ୍ରେସ ସମୟରେ ପ୍ରତିଷ୍ଠା ହୋଇଥିଲା। ସେହିପରି ତତ୍କାଳୀନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମୟରେ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ, ଏମ୍ସ ସେଟଲାଇଟ ସେଣ୍ଟର, ତାମ୍ବୁଲିଆ ସମେତ ସୋର ଓ ଜଳେଶ୍ୱରର ରେଳ ଫ୍ଲାଇ ଓଭର ବ୍ରିଜ୍, ସିପେଟ, ନୋସି ବିଜିନେସ ପାର୍କ ପ୍ରଭୃତି ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ବିଜେପି ଓ ବିଜେଡିର ସାଂସଦ ବାଲେଶ୍ୱରରୁ ପ୍ରତିନିଧିତ୍ୱ କରିଥିଲେ ବି ଜିଲ୍ଲାର ବିକାଶ ଦିଗରେ କୌଣସ ଆଖିଦୃଶିଆ କାର୍ଯ୍ୟ କରି ନଥିବା ଶ୍ରୀ ଦାସ ଆରୋପ ଉଠାଇଥିଲେ। ବାଲେଶ୍ୱର ବିକାଶକୁ ନେଇ କଂଗ୍ରେସ ପାଖରେ ଏକାଧିକ ପ୍ରମାଣ ଥିବା ବେଳେ ବିଜେପି ଓ ୨୧ ବର୍ଷ ଶାସନରେ ରହି ଆସିଥିବା ବିଜେଡି ମାତ୍ର ୫ଟି ଲେଖାଏଁ ନମୁନା ପେସ କରିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ବିକାଶରେ କଂଗ୍ରେସର ଅବଦାନକୁ ଦୃଷ୍ଟିରେ ରଖି ଚଳିତ ନିର୍ବାଚନରେ ସୁଯୋଗ୍ୟ ଦଳୀୟ ପ୍ରାର୍ଥୀ ମମତା କୁଣ୍ଡୁଙ୍କୁ ଅଧିକରୁ ଅଧିକ ସମର୍ଥନ ମିଳିଲେ ବାଲେଶ୍ୱରରେ ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇପାରିବ ବୋଲି ଶ୍ରୀ ଦାସ କହିଥିଲେ। ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ,ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ସଭାପତି ନିରଂଜନ ବେହେରା, ନଗର କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା ପ୍ରମୁଖ ଏଥିରେ ଯୋଗଦେଇ ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମମତା କୁଣ୍ଡୁଙ୍କ ଶିକ୍ଷାଗତ ଯୋଗ୍ୟତା, ସମାଜସେବା ମୂଳକ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କୁ ସମସ୍ତେ ସମର୍ଥନ ଦେବାକୁ ନିବେଦନ କରିଥିଲେ।

## ପ୍ଲାଜମା ଦାନ କଲେଣି ୪୦୦ ପୋଲିସ୍ କର୍ମଚାରୀ

ଭୁବନେଶ୍ୱର,୧୩।୧୦ (ନି.ପ୍ର): ଓଡିଶା ପୋଲିସ୍ ରେ କାର୍ଯ୍ୟରତ ୪୦୧ ଜଣ କରୋନା ଯୋଦ୍ଧା କୋଭିଡ୍ କୁ ହରାଇବା ପରେ ପ୍ଲାଜମ ଦାନ କରିଛନ୍ତି। ଏହି କରୋନା ଯୋଦ୍ଧାମାନେ ବିଭିନ୍ନ ପ୍ଲାଜମା ସଂଗ୍ରହ କେନ୍ଦ୍ର ଯଥା କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ, ରାଉରକେଲା ଆଇଜିଏଚ୍ , ବୁର୍ଲାର ଭିମସାର , ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଠାରେ ପ୍ଲାଜମା ଦାନ କରିଛନ୍ତି। ଖୁବ୍ ଶୀଘ୍ର ଏହି ସଂଖ୍ୟା ୫୦୦ ଛୁଇଁବ ବୋଲି ଆଶା ପ୍ରକାଶ କରିଛି ଓଡିଶା ପୋଲିସ୍ ।

### ବିଜେଡିର ଉପ-ନିର୍ବାଚନ ପ୍ରାର୍ଥୀ ଚୟନ ବିବାଦ

## ଜିଲ୍ଲା ସଭାପତିଙ୍କ ହସ୍ତକ୍ଷେପରେ ଶାନ୍ତ ଉତ୍ତେଜିତ କର୍ମୀ

ବାଲେଶ୍ୱର,୧୩।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା ପରେ ଦଳୀୟ କର୍ମୀ ମହଲରେ ଗତକାଲିଠାରୁ ଦେଖା ଦେଇଥିବା ଅସନ୍ତୋଷ ଓ ଉତ୍ତେଜନା ଆଜି ଆପାତତଃ ଶାନ୍ତ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଗତକାଲି ଅପରାହ୍ନରେ ବିଜେଡି ପକ୍ଷରୁ ପୂର୍ବତନ ପୌର ସଦସ୍ୟ ସ୍ୱରୂପ ଦାସଙ୍କ ନାମ ଘୋଷଣା କରାଯିବା ପରେ ଦଳୀୟ କର୍ମୀମାନେ ଏହାକୁ ବିରୋଧ କରିଥିଲେ। ଏମିତିକି ବିଜେଡିର ଓଟିରୋଡ଼୍ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଶହ ଶହ କର୍ମୀ ଉପସ୍ଥିତ ରହି ପ୍ରତିବାଦ କରିଥିଲେ। ତେବେ ଜିଲ୍ଲା ସଭାପତି ପୂର୍ବତନ ସାଂସଦ ଶ୍ରୀ ଜେନା ଭୁବନେଶ୍ୱରରୁ ପହଞ୍ଚିବା ପରେ ଉତ୍ତେଜିତ କର୍ମୀମାନଙ୍କୁ ବୁଝାସୁଝା କରିଥିଲେ। ଦଳୀୟ ମୁଖ୍ୟଙ୍କ ନିଷ୍ପତିକୁ ସମ୍ମାନ ଦେବା ସହ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେ କର୍ମୀମାନଙ୍କୁ କହିଥିଲେ। ଏହା ସତ୍ତ୍ୱେ ବି କର୍ମୀମାନେ ବୁଝି ନଥିଲେ। ଗତକାଲି ଉତ୍ତେଜିତ କର୍ମୀମାନେ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କୁ ଘେରିଥିବା ବେଳେ ଆଜି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରତାପ ଦେବଙ୍କୁ ପ୍ରାର୍ଥୀ ଚୟନ ବାବଦରେ ପ୍ରତିବାଦ ଜଣାଇବା ସହ ଏହାର ପୁନର୍ବିଚାର ପାଇଁ ଦାବି କରିଥିଲେ। ମାତ୍ର ଜିଲ୍ଲା ସଭାପତି ଶ୍ରୀ ଜେନା କର୍ମୀମାନଙ୍କୁ ବୁଝାଇବା ସହ ଦଳୀୟ ନିଷ୍ପତିକୁ କାର୍ଯ୍ୟକାରୀ କରିବା ଓ ଦଳର ସ୍ୱାର୍ଥ ପାଇଁ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ଚଳିତ ଉପ-ନିର୍ବାଚନରେ ଜିତାଇବାକୁ କହିଥିଲେ। ଶୃଙ୍ଖଳିତ ରାଜନୈତିକ ଦଳ ଭାବେ ବିଜେଡିର ଆଦର୍ଶକୁ ଅକ୍ଷୁର୍ଣ୍ଣ ରଖିବା ଓ ଦଳୀୟ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ କିପରି ବିଜୟୀ କରିବା, ସେନେଇ ସବୁ ପ୍ରକାର ଭେଦଭାବ ଭୁଲି ସମସ୍ତେ କାର୍ଯ୍ୟ କରିବାକୁ ଶ୍ରୀ ଜେନା ପରାମର୍ଶ ଦେଇଥିଲେ। ପରେ କର୍ମୀ ମହଲରେ ଉଠିଥିବା ବିବାଦ ଓ ଉତ୍ତେଜନା ପ୍ରଶମିତ ହୋଇଥିବା ଦେଖିବାକୁ ମିଳିଥିଲା।

## ଜାଗା ମିଶନରେ ବସ୍ତି ବାସିନ୍ଦାଙ୍କୁ ଭୂମି ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ




ବାରିପଦା ,୧୩।୧୦ (ନି.ପ୍ର): ସହର ବସ୍ତି ଅଂଚଳକୁ ଉନ୍ନତ ବାସପୋଯୋଗୀ ଅଂଳରେ ପରିବର୍ତ୍ତିତ କରିବା ଓ ଲକ୍ଷାଧିକ ସହରୀ ଗରିବଙ୍କୁ ଜମି ଅଧିକାର ପ୍ରଦାନ କରିବା ଲକ୍ଷ୍ୟନେଇ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ପ୍ରକଳ୍ପ ଜାଗାମିଶନ ଅଧୀନରେ ବାରିପଦା ପୌର ପରିଷଦ ପକ୍ଷରୁ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କାର୍ଯ୍ୟକ୍ରମର ଗତ ୧୨ ତାରିଖରେ ଶୁଭାରମ୍ଭ କରାଯାଇଛି । ୱାର୍ଡ ନଂ-୨ ଓ ଶ୍ରୀପଦଗ ଠାରେ ଆୟୋଜିତ ଦୁଇଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଭୂମି ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସରେନ, ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ବାରିପଦା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଉପସ୍ଥିତ ଥିଲେ। ବାରିପଦା ମୁନିସିପାଲଟି ଦ୍ୱାରା ୭୬୨୫ ହିତାଧିକାରୀ ଚିହ୍ନଟ ହୋଇଥିବା ବେଳେ ୪୬ଟି ବସ୍ତିର ୪୮୧୭ ଜଣ ଭୂମିହୀନଙ୍କୁ ଏହି ଭୂମି ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରା ଯିବାର କାର୍ଯ୍ୟକ୍ରମ ରହିଛି । ଏହା ଦ୍ୱାରା ବସ୍ତିବାସିନ୍ଦା ବାସପଯୋଗୀ ଘରଡିହ ଜମୀ ପାଇବା ସହିତ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର, ସ୍ୱଚ୍ଛ ପାନୀୟ ଜଳ, ଏଲଇଡି ଷ୍ଟ୍ରିଟ ଲାଇଟ, ପାଇଖାନା, ଜୀବିକା ଆଦି ସୁବିଧା ସୁଯୋଗ ପାଇବେ ବୋଲି ମୁଖ୍ୟ ଅତିଥି କହିଛନ୍ତି।

## ସାମାଜିକ ଗଣମାଧ୍ୟମର ପ୍ରଭାବ : ମାନସିକ ଭିନ୍ନକ୍ଷମ ଯୁବକକୁ ସୁସ୍ଥ କରି ନିଜ ଗ୍ରାମକୁ ପଠାଇଲେ ସ୍ୱେଚ୍ଛାସେବୀ



ପାରାଦ୍ୱୀପ ,୧୩।୧୦ (ନି.ପ୍ର): ବନ୍ଦର ସହର ପାରାଦ୍ୱୀପର ନୂଆବଜାର ଅଞ୍ଚଳରେ ଜଣେ ମାନସିକ ଭିନ୍ନକ୍ଷମ ଯୁବକ ଖାଦ୍ୟ ପାନୀୟ ଦେବା ସହ ତାର ପରିଚୟ ସଂଗ୍ରହ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ପିଟିଆଇ ର ବରିଷ୍ଠ ସାମ୍ବାଦିକ ତଥା ଏସ୍‌ୟୁଜେ ସାମ୍ବାଦିକ ସଙ୍ଗଠନର ରାଜ୍ୟ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଗଗନ ବିହାରୀ ସାହୁ । ଏବଂ ଏହି ପୋଷ୍ଟକୁ ସାମ୍ବାଦିକ ପ୍ରଶାନ୍ତ ରାଉତ ଓ ଅନ୍ୟମାନେ ସେୟାର କରିଥିଲେ । ଏହି ଖବର ଦେଖି ଆକ୍ଟିଭ ପାରାଦ୍ୱୀପ ସୋସିଆଲ ଗୃପର ପ୍ରସନ୍ନ କୁମାର ପରିଡା ଓ ତାଙ୍କର ସହଯୋଗୀ ମାନେ ସେହି ଯୁବକ କାହ୍ନୁ କାହାଳ ର ଦାୟିତ୍ୱ ନେବା ସହ ତାକୁ ସୁସ୍ଥ କରିଥିଲେ । ମଙ୍ଗଳବାର ଦିନ ▶▶ପୃଷ୍ଠା ୭

## ପୌର ପରିଷଦ ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ବାସୋପଯୋଗୀ ପଟ୍ଟା ବଣ୍ଟନ

ଗୁଣପୁର,୧୩।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଟାଉନ ହଲଠାରେ ମଙ୍ଗଳବାର ଦିନ ପୌର ପରିଷଦ ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ବାସୋପଯୋଗୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ରଘୁନାଥ ଗମାଙ୍ଗ ଓ ଉପଜିଲ୍ଲାପାଳ ଜେ.ସୋନାଲ ଯୋଗ ଦେଇ ବସ୍ତି ବାସିନ୍ଦା ଲୋକଙ୍କୁ ବାସୋପଯୋଗୀ ପଟ୍ଟା ବଣ୍ଟନ କରିଥିଲେ । ୧୭ଟି ବସ୍ତିରୁ ୯୩୪ ଜଣଙ୍କୁ ବାସୋପଯୋଗୀ ପଟ୍ଟା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ପୌର ପରିଷଦ ନିର୍ବାହୀ ଅଧିକାରୀ ଉମା ଦାସ ସଂଯୋଜନା କରିଥିବାବେଳେ ସଙ୍ଗୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପୌର ପରିଷଦ ଯନ୍ତ୍ରୀ ଅଜିତ କୁମାର ସାବତ, ଓମିନ କଣ୍ଡା, ରାକେଶ ପଟ୍ଟନାୟକ, ତାପସଙ୍କ ସମେତ ବହୁ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo